ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.141 Bhubaneswar Tuesday July 19 2022 | ୨୫ତମ ବର୍ଷ ସଂଖ୍ୟା-୧୪୧ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଦୁର୍ନୀତିରେ ସମ୍ପୃକ୍ତ ଥାଇ ବି ୨୫୫ଜଣ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର,୧୮।୭(ପି.ଏନ): ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ଥିବା ୨୫୫ଜଣ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଶୂନ। ତେବେ ଦୁର୍ନୀତି ନିବାରଣ ଆଇନ ଅନୁସାରେ ଏହି କର୍ମଚାରୀମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ପକ୍ଷରୁ ମକଦ୍ଦମା ରୁଜୁ ହୋଇଛି। ସେମାନଙ୍କ ବିଭାଗକୁ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଛି । ତା' ସତ୍ତ୍ୱେ ବିଭାଗଗୁଡିକ ନିଜର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଉନଥିବା ଜଣାପଡିଛି। ଯାହା ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନର ଅସଲ ଚିତ୍ର ପଦାରେ ପକାଇଛି। ଦୁର୍ନୀତିକୁ ନେଇ 'ଜିରୋ ଟଲେରାନ୍ସ' କଥା କହୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଆଜି ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ଥିବା ୨୫୫ଜଣ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା କହିଥିଲେ। ଯାହା ପରେ ବୁଦ୍ଧିଜୀବୀ ମହଲରେ ଏହି ଆଲୋଚନା ମୁଣ୍ଡ ଟେକିଛି ।ବିଧାନସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଭିଜିଲାନ୍ସ ମକଦ୍ଦମାରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଭିଜିଲାନ୍ସ ବିଭାଗ ପକ୍ଷରୁ ସମ୍ପୃକ୍ତ କର୍ମଚାରୀଙ୍କ ଅଫିସକୁ ସୁପାରିଶ କରାଯାଇଥାଏ । ଉକ୍ତ ସୁପାରିଶ ଆଧାରରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଭିଜିଲାନ୍ସ ବିଭାଗକୁ ଅବଗତ କରାଯାଇଥାଏ ।ତେବେ ୨୦୧୯ରୁ ୨୦୨୨ ମସିହା ମଧ୍ୟରେ ଭିଜିଲାନ୍ସ ବିଭାଗ ଦ୍ୱାରା ୪୬୬ଜଣ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କ ବିଭାଗ ଓ ଅଫିସକୁ ସୁପାରିଶ କରାଯାଇଛି । ସେଥିରୁ ମାତ୍ର ୨୧୧ଜଣ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅବଶିଷ୍ଟ ୨୫୫ଜଣଙ୍କ ବାବଦରେ ସେମାନଙ୍କ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେ ବାବଦରେ ସୂଚନା ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ତେବେ ପ୍ରଶ୍ନ ଉଠୁଛି, ଭିଜିଲାନ୍ସ ପକ୍ଷରୁ କର୍ମଚାରୀ ବା ଅଫିସରଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ କରାଯାଉଥିବାବେଳେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତଙ୍କୁ କିଏ କାହିଁକି ସୁରକ୍ଷା ଦେଉଛି ? କାହିଁକି ସେମାନଙ୍କ ବିଭାଗ ଦ୍ୱାରା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ଦୁର୍ନୀତିର ପ୍ରମାଣ ପାଇବା ପରେ ଯଦି ଭିଜିଲାନ୍ସ ଚ଼?ଉ କରୁଛି ଅବା ମାମଲା ରୁଜୁ କରୁଛି ତା'ହେଲେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ କର୍ମଚାରୀ କାର୍ଯ୍ୟ କରୁଥିବା ବିଭାଗ କାହିଁକି ସେଭଳି କର୍ମଚାରୀଙ୍କୁ ଘଂଟ ଘୋଡାଇ ରଖିଛି ? ସମ୍ପୃକ୍ତ ବିଭାଗର ମୁଖ୍ୟଙ୍କ ବିରୁଦ୍ଧରେ ଏନେଇ କାର୍ଯ୍ୟାନୁଷ୍ଠାନ ନେବାରେ ସରକାରରେ କ'ଣ ସମସ୍ୟା ରହିଛି ତାକୁ ନେଇ ଚ଼ର୍ଚ୍ଚା ଜୋର ଧରିଛି।



## ଗ୍ରାମାଂଚଳରେ ବିକ୍ରୀ ହେଉଥିବା ଚୁଡା ମୁଢି ଉପରେ ଜିଏସଟି ନାହିଁ: ଅର୍ଥ ମନ୍ତ୍ରୀ

ଭୁବନେଶ୍ୱର ,୧୮।୭(ପି.ଏନ): ଗ୍ରାମାଂଚଳରେ ବିକ୍ରୀ ହେଉଥିବା ଚୁଡା ମୁଢି ଉପରେ ଜିଏସଟି ଲାଗିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ରାଜ୍ୟ ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ । ପ୍ରଶ୍ନକାଳରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କ ଦ୍ୱାରା ପଚରା ଯାଇଥିବା ଏକ ପ୍ରଶ୍ନର ଉତରରେ ସେ ଏହା କହିଛନ୍ତି ।ସେ କହିଛନ୍ତି ଯେ, ଜିଏସଟି ଉପରେ ରାଜ୍ୟ ସରକାର କିଛି କରିପାରିବେ ନାହିଁ । ଏହି ଜିଏସଟି କେବଳ କମ୍ପାନୀମାନଙ୍କରେ ହେଉଥିବା ପ୍ୟାକେଟ୍ ଉପରେ ଲାଗୁହେବ । ଗ୍ରାମାଂଚଳରେ ବିକ୍ରି ହେଉଥିବା ଖୁଚୁରା ବ୍ୟବସାୟ କିମ୍ବା ଗ୍ରାହକଙ୍କ ଉପରେ ଏହାର ପ୍ରଭାବ ପଡିବନି ବୋଲି ସେ କହିଛନ୍ତି ।ପ୍ରଶ୍ନ କାଳରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଏହି ପ୍ରଶ୍ନ ଉଠାଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଯଦି କେନ୍ଦ୍ର ସରକାର ଏହା ଉପରେ ଜିଏସଟି ଲଗାଉଛନ୍ତି ତେବେ ରାଜ୍ୟ ସରକାର ଏହାକୁ ଓଡ଼ିଶାରେ ନ ଲଗାନ୍ତୁ ବୋଲି ଦାବି କରିବା ସହ ଯଦି ଲାଗୁ କରିବେ ତେବେ ନିଜ ତାହାକୁ ବହନ କରନ୍ତୁ ବୋଲି ଦାବି କରିଥିଲେ ସୁରେଶ ରାଉତରାୟ ।

## ରାଜ୍ୟରେ ଦିଆଗଲାଣି ୪ ଲକ୍ଷ ୫୨ ହଜାର ପ୍ରିକସନ୍ ଟିକା

ଭୁବନେଶ୍ୱର, ୧୮।୭(ପି.ଏନ): କୋଭିସିଲ୍ଡ ଟିକାର ଷ୍ଟକ୍ ସରିଆସିଲାଣି । କାରଣ ରାଜ୍ୟରେ ମୁଖ୍ୟତଃ କୋଭିସିଲ୍ଡ ଟିକା ଅଧିକ ବ୍ୟବହାର ହେଉଛି। ଭୁବନେଶ୍ୱର, କଟକ, ଗଞ୍ଜାମ, ସମ୍ବଲପୁର ଓ ବାଲେଶ୍ୱର ଜିଲ୍ଲା ବ୍ୟତୀତ ଅନ୍ୟ ସବୁ ସ୍ଥାନରେ ଆରମ୍ଭରୁ କୋଭିସିଲ୍ଡ ଟିକା ହିଁ ଦିଆଯାଉଥିଲା। ତେଣୁ ସେମାନଙ୍କର ପ୍ରିକସନ ଡୋଜ୍ ନେବା ପାଇଁ ସମୟ ହୋଇଗଲାି । ସେଥିପାଇଁ କୋଭିସିଲ୍ଡ ଟିକା ଅଧିକ ଦରକାର ପଡୁଛି । ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସୋମବାର ସୁଦ୍ଧା ମାତ୍ର ୨ ଲକ୍ଷ ୨୧ ହଜାର କୋଭିସିଲ୍ଡ ଟିକା ଷ୍ଟକରେ ଅଛି। ତେଣୁ ଆଉ ୨ ଦିନ ପର୍ଯ୍ୟନ୍ତ ହିଁ ଟିକାକରଣ ହୋଇପାରିବ । କିନ୍ତୁ କୋଭାକ୍ସିନ୍ ଟିକା ୭ ଲକ୍ଷରୁ ଅଧିକ ଡୋଜ୍ ଅଛି । ଯେଉଁଠି କୋଭାକ୍ସିନ୍ ଦରକାର ହେଉଛି ସେଠାରେ ଟିକାକରଣ ଜାରି ରହିବ। କୋଭିସିଲ୍ଡ ଓ କୋଭାକ୍ସିନ୍ ଟିକା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖାଯାଇଛି । କେନ୍ଦ୍ର ସରକାର ଠିକ୍ ସମୟରେ ଟିକା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଟିକା ସରିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ତରଫରୁ ଟିକା ମିଳିଯିବ ବୋଲି ଆଶା ପ୍ରକାଶ କରିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ।୧୮ରୁ ୫୯ ବର୍ଷ ବୟସ୍କ ଲୋକଙ୍କୁ ଜୁଲାଇ ୧୫ ତାରିଖରୁ ମାଗଣାରେ ପ୍ରିକସନ୍ ଡୋଜ୍ ଦିଆଯାଉଛି। ୧୫ ତାରିଖ ପର୍ଯ୍ୟନ୍ତ ୧ ଲକ୍ଷ ୫୨ ହଜାର ପ୍ରିକସନ୍ ଡୋଜ୍ ଦିଆଯାଇଥିଲା। ତେବେ ଏହି ୩ ଦିନ ଭିତରେ ପାଖାପାଖି ୩ ଲକ୍ଷ ପ୍ରିକସନ୍ ଡୋଜ୍ ଦିଆଯାଇଛି। ତେଣୁ ଏବେ ସୁଦ୍ଧା ମୋଟ୍ ୪ ଲକ୍ଷ ୫୨ ହଜାର ପ୍ରିକସନ୍ ଟିକା ଦିଆଗଲାଣି।

## ରାଷ୍ଟ୍ରପତି ନିର୍ବାଚନ : ବିଧାନସଭାରେ ଭୋଟ୍ ଦେଲେ ୧୪୫ ବିଧାୟକ

ଭୁବନେଶ୍ୱର, ୧୮।୭(ପି.ଏନ): ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଶେଷ ହୋଇଛି। ଓଡିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ମୋଟ ୧୪୫ ଜଣ ବିଧାୟକ ନିଜ ମତ ସାବ୍ୟସ୍ତ କରିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଦିଲ୍ଲୀରେ ଚିକିତ୍ସାଧୀନ ଥିବାରୁ ସେ ସଂସଦ ଭବନରେ ମତଦାନ କରିଛନ୍ତି। ସେହିପରି ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଭୋଟ୍ ଦେବାକୁ ଆସିନଥିବା ଜଣାପଡିଛି। ରାଷ୍ଟ୍ରପତି ନିର୍ବାଚନ ପାଇଁ ସୋମବାର ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟଗ୍ରହଣ ହୋଇଥିଲା। ଅପରାହ୍ନ ୧ଟା ସୁଦ୍ଧା ୧୪୧ଜଣ ବିଧାୟକ ନିଜର ମତାଧିକାର ସାବ୍ୟସ୍ତ କରିଥିବାବେଳେ ୫ଟା ସୁଦ୍ଧା ଆଉ ୪ଜଣ ଭୋଟ୍ ଦେଇଥିଲେ । ବିଜେଡିର ୧୧୨ ଜଣ ବିଧାୟକ, ବିଜେପିର ୨୧ଜଣ ବିଧାୟକ, କଂଗ୍ରେସର ୯ଜଣ ବିଧାୟକ, ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିଜେଡିରୁ ବହିଷ୍କୃତ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲି ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ହୋଇଥିବା ଭୋଟଗ୍ରହଣ କେନ୍ଦ୍ରରେ ମତଦାନ କରିଛନ୍ତି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାନସଭା ପ୍ରକୋଷ୍ଠରେ ଭୋଟ୍ ଦେଇଥିବାବେଳେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ସଂସଦ ଭବନରେ ଭୋଟ୍ ଦେଇଛନ୍ତି । ଓଡ଼ିଶାରେ କଂଗ୍ରେସ ବିଧାୟକଙ୍କ ଭୋଟ୍ ୟୁପିଏ ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କୁ ଯାଇଥିବାବେଳେ କେବଳ କଟକ ବାରବାଟୀର କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କ ଭୋଟ୍ ଏନଡିଏ ପ୍ରାର୍ଥୀଙ୍କ ସପକ୍ଷରେ ପଡ଼ିଛି ।

### ବିଧାନସଭାରେ ଚୁଡ଼ା, ମୁଢ଼ିରେ ଜିଏସଟି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ

ଭୁବନେଶ୍ୱର, ୧୮।୭(ପି.ଏନ): ପ୍ରଶ୍ନକାଳ ପରେ ଶୂନ୍ୟକାଳରେ ମଧ୍ୟ ବିଧାନସଭାରେ ଚୁଡ଼ା, ମୁଢ଼ି ଇତ୍ୟାଦି ରେ ଲାଗିଥିବା ଜିଏସଟି ପ୍ରସଙ୍ଗ ଉଠିଥିଲା । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂହ ସାଲୁଜା ପ୍ରମୁଖ ଏହି ବିଷୟ ଉଠାଇଥିଲେ ।ଗୃହର ଶୂନ୍ୟକାଳରେ ମୁଢ଼ି, ଚୁଡ଼ା ଇତ୍ୟାଦି ଉପରେ ଲାଗିଥିବା ଜିଏସଟି ନେଇ ହୋହଲ୍ଲା ହୋଇଥିଲା। ଗୃହର ମଧ୍ୟଭାଗରେ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିବା ପରେ ଗୃହକୁ ୧୦ମିନିଟ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି। ପରେ ଅବସ୍ଥା ନ ବଦଳିବାରୁ ଗୃହକୁ ପୁଣି ଅପରାହ୍ନ ୪ଘଟିକା ଯାଏ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ।

### ଅବକାରି ଚଢଉ : ମଦ ଓ ପୋଚ ଜବତ

ଜୟପୁର, ୧୮।୭(ପି.ଏନ): ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ନିକଟ ଜଙ୍ଗଲରେ ଅବକାରି ଚଢଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢଉ ହୋଇଛି । ଚଢଉ କରି୧୮ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରାଯାଇଛି ।

## ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କେବେ ସୁଦ୍ଧା ପ୍ରତିଷ୍ଠା ହେବ ତାହା ନିର୍ଦ୍ଦିଷ୍ଟ ଭାବେ ଜଣାନ୍ତୁ :ବିଧାୟକ

ଭୁବନେଶର, ୧୮।୭(ପି.ଏନ): ରାଜ୍ୟରେ ଏକ ମେଡିକାଲ ବିଶ୍ୱବିଦ୍ୟାଳୟ ସ୍ଥାପନା ନେଇ ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା ଏହା କେବେ ସୁଦ୍ଧା ସ୍ଥାପିତ ହେବ ତାକୁ ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କୌଣସି ପ୍ରକାର ସ୍ପଷ୍ଟ ତିଥି ଘୋଷଣା କରୁ ନ ଥିବାରୁ ଏହାକୁ ନେଇ ବିଧାନସଭାରେ ଆଜି ଉଦବେଗ ପ୍ରକାଶ ପାଇଥିଲା । କଂଗ୍ରେସ ଦଳର ବିଧାୟକ ମାନଙ୍କ ସହିତ ସରକାରୀ ଦଳର ବିଧାୟକ ମଧ୍ୟ ଏହା କେବେ ସୁଦ୍ଧା ଏହା ପ୍ରତିଷ୍ଠା ହେବ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ ଜଣାଇବାକୁ ଦାବି କରିଥିଲେ । ବାରମ୍ବାର ପ୍ରଶ୍ନ ସତ୍ତ୍ୱେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଏହି ପ୍ରଶ୍ନର ସଠିକ ଉତର ଦେବା ପରିବର୍ତ୍ତେ ସବୁ ପ୍ରଶ୍ନର ଉତରରେ ଯଥା ଶୀଘ୍ର ଏହି ବିଶ୍ୱବିଦ୍ୟାଳୟ ସ୍ଥାପିତ ହେବ ବୋଲି କହିଥିବା ଦେଖିବାକୁ ମିଳିଥିଲା । ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଏ ସମ୍ପର୍କିତ ମୂଳ ପ୍ରଶ୍ନ ଉପରେ ଆଲୋଚନା ବେଳେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର, କଂଗ୍ରେସ ବିଧାୟକ ମୋହମ୍ମଦ ମୋକିମ, ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ, ନାଉରୀ ନାୟକ, ଶାସକ ଦଳର ବିଧାୟକ ଡ. ନୃସିଂହ ମିଶ୍ର ଏହି ବିଶ୍ୱବିଦ୍ୟାଳୟ କେବେ ସୁଦ୍ଧା ପ୍ରତିଷ୍ଠା ହେବ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ରଖିବାକୁ ଦାବି କରିଥିଲେ । ହେଲେ ମନ୍ତ୍ରୀ ଶ୍ରୀ ଦାସ ସବୁବେଳେ ଯଥା ଶୀଘ୍ର ହେବ ବୋଲି ଉତର ଦେଇଥିଲେ। ସେ କହିଥିଲେ ଯେ ଏ ସମ୍ପର୍କରେ ଆଇନ ପ୍ରଣୟନ ହୋଇସାରିଛି । ଅଧିକାରୀ ମାନଙ୍କୁ ନି ଯୁକ୍ତି ଦିଆ ଯାଇଛି । ବଜେଟରେ ଏହା ପାଇଁ ଅର୍ଥର ବ୍ୟବସ୍ଥା କରା ଯାଇଛି । ତେଣୁ ରାଜ୍ୟ ସରକାର ଏହାକୁ ଯଥାଶୀଘ୍ର ସ୍ଥାପିତ କରିବେ ବୋଲି କହିଥିଲେ।

## ହୀରାକୁଦ ଜଳଭଣ୍ଡାରରୁ ୫ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ

ସମ୍ବଲପୁର,୧୮।୭(ପି.ଏନ): ସୋମବାର ସଂଧ୍ୟା୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରୁ ମୋଟ୍ ୫ଟି ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ଜଳ ଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଜଳ ଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୮ ହଜାର ୫୧୫ ଘନଫୁଟ୍ ଜଳ ପ୍ରବେଶ କରୁଛି। ସେହି ସମୟରେ ମୋଟ୍ ଗୋଟିଏ ସ୍ଲୁଇସ୍ ଗେଟ୍ ଓ ଅନ୍ୟାନ୍ୟ ପାୱାର ଚାନେଲ ଦେଇ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧୬ ହଜାର ୫୪୧ ଘନଫୁଟ୍ ରୁ ଉର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି। ବନ୍ଧର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଜଳ ଭଣ୍ଡାରର ଜଳ ପତନ ସଂଧ୍ୟା୬ଟା ସୁଦ୍ଧା ୬୧୩.୨୭ ଫୁଟ୍ ରହିଛି ।

## ୧୨ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୮।୭(ପି.ଏନ): ମୌସୁମୀ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ କମିପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆଭ୍ୟନ୍ତରୀଣ ଓଡିଶାର ଜିଲ୍ଲାଗୁଡ଼ିକରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି । ଉପକୂଳ ଓଡିଶାର ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ବର୍ଷାସହ ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି କହିଛି ପାଣିପାଗ କେନ୍ଦ୍ର।ପାଣିପାଗ କେନ୍ଦ୍ରପକ୍ଷରୁଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନୟାଗଡ଼, ବୌଦ୍ଧ, କଟକ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।

### ଶପଥ ନେଲେ ସସ୍ମିତ ପାତ୍ର

ଭୁବନେଶ୍ୱର, ୧୮।୭(ପି.ଏନ): ରାଜ୍ୟସଭାରେ ଦ୍ୱିତୀୟ ଥର ପାଇଁ ଶପଥ ନେଇଛନ୍ତି ଓଡିଶା ସାଂସଦ ସସ୍ମିତ ପାତ୍ର। ଶ୍ରୀ ପାତ୍ର ସୋମବାର ଦିନ ରାଜ୍ୟସଭା ସଦସ୍ୟ ଭାବେ ମାତୃଭାଷା ଓଡିଆରେ ଶପଥ ଗ୍ରହଣ କରିଥିଲେ । ରାଜ୍ୟସଭା ଅଧ୍ୟକ୍ଷ ଭେଙ୍କେୟା ନାଇଡୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ଖାଲି ପଡ଼ିଥିବା ୩ଟି ଆସନରେ ବିଜେଡିରୁ ମାନସ ମଙ୍ଗରାଜ, ସୁଲତା ଦେଓ ଓ ସସ୍ମିତ ପାତ୍ର ନିର୍ବାଚିତ ହୋଇଥିଲେ। ପୂର୍ବରୁ ମାନସ ମଙ୍ଗରାଜ ଓ ସୁଲତା ଦେଓ ରାଜ୍ୟସଭାର ସଦସ୍ୟ ଭାବେ ଶପଥ ନେଇଥିବା ବେଳେ ଆଜି ସସ୍ମିତ ପାତ୍ର ଶପଥ ନେଇଛନ୍ତି।

## ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀକୁ ୩୮ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୧୮।୭(ପି.ଏନ): ନାବାଳିକା ଗଣ ଦୁଷ୍କର୍ମ ମାମଲାର ବିଚାର କରି ପିଡିତାର ବୟାନକୁ ଗୁରତର ସହ ନେଇ ସୋମବାର ଜୟପୁର ଫାଷ୍ଟ ଟ୍ରାକ ସ୍ପେସିଆଲ କୋର୍ଟର ଜଜ ଆଡହକ ଅତିରିକ୍ତ ଜିଲା ଓ ଦୌରା ଜଜ ପ୍ରଦିପ କୁମାର ସାସମଲ ବନ୍ଧୁଗାଁ ଥାନା ଅନ୍ତର୍ଗତ ସାନ ଗଡବଲସା କୋଲନିର ଦୋଷି ସୁଶାନ୍ତ କନ୍ଦପାନ (୨୩)କୁ ଦଣ୍ଡିତ କରିଛି । ଦୋଷି କନ୍ଦପାନକୁ ୩୮ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦେୟ ହେଲେ ୧୪ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରେ ଶୁଣାଣି କରିଛନ୍ତି । ଆଦାୟ ଜୋରିମାନାର ଟଙ୍କା ସହ ୩ ଲକ୍ଷ ଟଙ୍କା ସରକାରଙ୍କ ତରଫରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧମରେ ପିଡିତାଙ୍କୁ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ ।ସୂଚନା ଅନୁଯାୟୀ ଗତ ୨୨।୦।୨୦୧୭ ମସିହାରେ ପିଡିତା ଟ୍ୟୁସନ ଯାଇ ଫେରୁଥିବା ସମୟରେ ସୁଶାନ୍ତ ଗୋଟିଏ ବୋଲେରୋ ଗାଡିରେ ୫ ରୁ ୧୦ ଦୁର୍ବୃର୍ତ୍ତଙ୍କ ସହ ନାବାଳିକାକୁ ଅଟକାଇ ଚାପୁଡା ମାରି ଜବରଦସ୍ତ ଟାଣି ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକା ପାଟି କରିବାରୁ ଟ୍ୟୁସନ ଶିକ୍ଷକ ଓ ଅନ୍ୟ ମାନେ ଆସିବାରୁ ସେମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ସୁଶାନ୍ତ ନାବାଳିକାଙ୍କ ଗାଡି ଡ୍ରାଇଭର ଭାବେ କାମ କରୁଥିଲେ । ନାବାଳିକାକୁ ପରିବାର ଲୋକେ ସୁନାବେଢା ଥାନା କୁ ନେଇଥିଲେ । ସେଠାରେ ନାବାଳିକା ଅଭିଯୋଗ କରିଥିଲେ ଘଟଣାର ୬ ମାସ ପୁର୍ବରୁ ଦୋଷୀ ସୁଶାନ୍ତ ନାବାଳିକାକୁ କଲେଜରେ ଛାଡି ଦେବି କହି ଜଙ୍ଗଲରେ ଦୁଷ୍କର୍ମ କରିଥିଲା। ଘଟଣାକୁ ଭିଡିଓ ରେକଡିଂ ସହ ଫଟୋ ମଧ ଉଠାଇଥିଲା । ସେହି ଫଟୋ କୁ ଭାଇରାଲ କରିଦେବି କରି ବ୍ଲାକମେଲିଂ କରି ବାର ବାର ଦୁଷ୍କର୍ମ କରିଥିଲା। ଏହି ଘଟଣା ପ୍ରଘଟକଲେ ନାବାଳିକାକୁ ଏସିଡ୍ ପକାଇବା ଓ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଉଥିଲା ବୋଲି ନାବାଳିକା ବୟନ ଦେଇଥିଲା। ଉକ୍ତ ମାମଲାରେ ୧୩ ସାକ୍ଷ୍ୟ ପ୍ରଦାନ କରିଥିବା ବେଳେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ରାୟର ଶୁଣାଣି କରିଛନ୍ତି । ମାମଲା କୁ ସ୍ୱତନ୍ତ୍ର ପବ୍ଲିକ ପ୍ରସ୍ୟୁକଟର ବି ଗାୟତ୍ରୀ ଦେବି ମାମଲା ପରିଚାଳନା କରିଥିଲେ ।

## ଫାଙ୍କି ଦେଲେ ସରକାର: ବିଷାକ୍ତ ଖାଦ୍ୟ ନୁହେଁ, ଦୂଷିତ ପାଣି ଯୋଗୁ କାଶୀପୁରରେ ହଇଜା

ଭୁବନେଶ୍ୱର,୧୮।୭(ପି.ଏନ): ରାୟଗଡା ଜିଲ୍ଲାର କାଶୀପୁର ବ୍ଲକ ଅଂଚ଼ଳରେ ହଇଜା ଯୋଗୁ ୭ଜଣ ପ୍ରାଣ ହରାଇବା ଘଟଣାରେ ଆଜି ଗୃହରେ ରାଜ୍ୟ ସରକାର ବିବୃତ୍ତି ରଖିଛନ୍ତି । ତେବେ ଖାଦ୍ୟ ଅଭାବ ଯୋଗୁ ବିଷାକ୍ତ ଖାଦ୍ୟ ଖାଇ କେହି ଝାଡାବାନ୍ତିର ଶିକାର ହୋଇଥିବା ଖବରକୁ ସରକାର ଫାଙ୍କି ଦେଇଛନ୍ତି । କୂଅ କିମ୍ବା ଘରେ ସାଇତି ରଖାଯାଇଥିବା ପାଣି ପିଇ ଲୋକେ ଝାଡାବାନ୍ତିର ଶିକାର ହୋଇଛନ୍ତି ଓ ଏହା ଏକ ସ୍ୱାସ୍ଥ୍ୟ ସମସ୍ୟା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାକୁ ଅବଗତ କରାଇଛନ୍ତି ।କାଶୀପୁରରେ ଝାଡାବାନ୍ତି ଘଟଣାକୁ ନେଇ ଗୃହରେ କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରିବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ସୋମବାର ସୁଦ୍ଧା ବୟାନ ରଖିବାକୁ ବାଚ଼ସ୍ପତି ବିକ୍ରମ କେଶରୀ ଆରୁଖ ରୁଲିଂ ଦେଇଥିଲେ । ଆଜି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, କାଶୀପୁର ବ୍ଲକର ଟିକିରି ଗ୍ରାମରେ ଝାଡାବାନ୍ତି ହେବାର ଖବର ଜୁଲାଇ ୧୨ତାରିଖରେ ମିଳିଲା ପରେ ସ୍ୱାସ୍ଥ୍ୟ ବିଭାଗର ଆରଆରଟି ତୁରନ୍ତ ଅନୁସନ୍ଧାନ ଆରମ୍ଭ କରିଥିଲେ । ଜିଲ୍ଲାପାଳ, ସିଡିଏମଓ, ମେଡିକାଲ ଟିମ୍ ସହ ପ୍ରଭାବିତ ଅଂଚ଼ଳ ପରିଦର୍ଶନ କରି ସମସ୍ତ ପଦକ୍ଷେପ ନେଉଛନ୍ତି । ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟନ୍ତ୍ରଣ କକ୍ଷ ଏବଂ ସମସ୍ତ ପ୍ରଭାବିତ ଗ୍ରାମରେ ସାମୟିକ ଚ଼ିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଓ ୫ଟି ମେଡିକାଲ ଟିମକୁ ମୁତୟନ କରାଯାଇ ଯୁଦ୍ଧକାଳୀନ ଭିତିରେ ଚ଼ିକିତ୍ସା ଯୋଗାଇ ଦିଆଯାଉଛି । ଆକ୍ରାନ୍ତ ମାନଙ୍କୁ ଟିକିରି ପିଏଚ଼ସି, କାଶୀପୁର ସିଏଚ଼ସି, ଟିକିରୀର ୟୁଏଆଇଏଲ୍ ହସ୍ପିଟାଲ, ରାୟଗଡାର ଜିଲ୍ଲା ମୁଖ୍ୟ ହସ୍ପିଟାଲ ଓ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚ଼ିକିତ୍ସା କରାଯାଉଛି । ଯଥେଷ୍ଟ ପରିମାଣର ଓଆରଏସ, ସାଲାଇନ୍ , ଇଞ୍ଜେକସନ, ଔଷଧ, ବ୍ଲିଚ଼ିଂ ପାଉଡର, ହାଲୋଜିନ୍ ଟାବଲେଟ୍ ମହଜୁଦ ରଖାଯାଇଛି । ପ୍ରଭାବିତ ଅଂଚ଼ଳରେ ଡାକ୍ତରୀଦଳ ଦ୍ୱାରା ଘରକୁ ଘର ବୁଲି ସର୍ଭ ?ଲାନ୍ସ କରାଯାଉଛି ।ପ୍ରତିଦିନ ପାଣିର ନମୂନା ଓ ମଳ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଉଛି । ଏପର୍ଯ୍ୟନ୍ତ ପରୀକ୍ଷା ହୋଇଥିବା ୯ଟି ପାଣି ନମୁନା ମଧ୍ୟରୁ ୩ଟି ଜୀବାଣୁ ଦ୍ୱାରା ପ୍ରଦୂଷିତ ଥିବାର ପ୍ରମାଣ ମିଳିଛି, ଯାହାର ଉତ୍ସ କୂଅ କିମ୍ବା ଘରେ ସାଇତା ଯାଇଥିବା ପାଣି। ତେଣୁ କାଶୀପୁରରେ ଝାଡା ବାନ୍ତି ଦୂଷିତ ପାନୀୟ ଜଳରୁ ହୋଇଛି । ଏହା ଏକ ସ୍ୱାସ୍ଥ୍ୟ ସମସ୍ୟା ଅଟେ । ସରକାର ଏହା ଉପରେ ସତର୍କ ଦୃଷ୍ଟି ରଖିଛନ୍ତି ଏବଂ ଏହାର ନିରାକରଣ ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି ।ଆଶା, ସ୍ୱାସ୍ଥ୍ୟ କର୍ମଚ଼ାରୀ, ଏଏନଏମ, ଏନଜିଓମାନଙ୍କ ଦ୍ୱାରା ଶୁଦ୍ଧ ଓ ନିରାପଦ ପାନୀୟ ଜଳ ପିଇବା ପାଇଁ ପ୍ରଚ଼ାର କରାଯାଉଛି । ଏହାବ୍ୟତୀତ ପାଣିର ଉତ୍ସକୁ ଯୁଦ୍ଧକାଳୀନ ଭିତ୍ତିରେ ବିଶୁଦ୍ଧ କରାଯାଉଛି ଓ ସମସ୍ତ ଗାଁରେ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆଯାଉଛି । ପ୍ରଭାବିତ ଗାଁରେ ୪ଟି ଆମ୍ବୁଲାନ୍ସ ମୁତୟନ ହୋଇଛି । ସହୀଦ ଲକ୍ଷ୍ମଣ ନାୟକ ଭେସଜ ମହାବିଦ୍ୟାଳୟ, କୋରାପୁଟରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ମଧ୍ୟ କାଶୀପୁରରେ ମୁତୟନ କରାଯାଇଛି । ତ୍ୱରିତ ଚ଼ିକିତ୍ସା ଯୋଗାଇଦେବା ପାଇଁ ଟିକିରିଠାରେ ୫୦ ଶଯ୍ୟା ବିଶିଷ୍ଟ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଛି ।ସେହିପରି ମୃତ ୭ ଜଣ ପରିବାର ମଧ୍ୟରୁ ୬ଟି ପରିବାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ଅଛନ୍ତି ତଥା ସେମାନେ ମାସିକ ରାସନ ଖାଦ୍ୟ ସାମଗ୍ରୀ ପାଉଛନ୍ତି । କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ଗ୍ରାମପଂଚ଼ାୟତର ୩୪୦୫ ପରିବାରର ୧୦,୫୧୪ ସଦସ୍ୟଙ୍କୁ ସାଧାରଣ ବଂଟନ ବ୍ୟବସ୍ଥାରେ ସାମିଲ କରାଯାଇ ଖାଦ୍ୟ ନିରାପତ୍ତା ଯୋଗାଇ ଦିଆଯାଇଛି, ଯାହାକି ପଂଚ଼ାୟତର ୨୦୧୧ ଜନଗଣନା ଅନୁଯାୟୀ ମୋଟ ଜନସଂଖ୍ୟାର ୯୧% ଅଟେ । ଏସବୁ ପରିବାରକୁ ନିୟମିତ ମାସିକ ରାସନ ସାମଗ୍ରୀ ବ୍ୟତୀତ କୋଭିଡ୍ ମହାମାରୀ ସମୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବିଗତ ୨୫ ମାସ ଧରି ଅତିରିକ୍ତ ଖାଦ୍ୟଶସ୍ୟ ସହିତ ଡାଲି ବିନା ମୂଲ୍ୟରେ ଓ ଦୁଇଟି ପର୍ଯ୍ୟାୟରେ ହଜାରେ ଟଙ୍କା ଲେଖାଏଁ କୋଭିଡ୍ ସହାୟତା ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।



### ବାରିପଦା ଓ କୋରାପୁଟ ମେଡିକାଲ କଲେଜରେ ପ୍ରଫେସର ନ ଥିବା ପ୍ରସଙ୍ଗ ବିଧାନସଭାରେ ଉଠିଲା

ଭୁବନେଶ୍ୱର, ୧୮।୭(ପି.ଏନ): ବାରିପଦା ଓ କୋରାପୁଟ ସ୍ଥିତ ମେଡିକାଲ କଲେଜରେ ଆବଶ୍ୟକୀୟ ପ୍ରଫେସର ନ ଥିବା ପ୍ରସଙ୍ଗ ସୋମବାର ଦିନ ବିଧାନସଭାରେ ଉଠିଛି । ବିଜେପି ବିଧାୟକ ସନାତନ ବିଜୁଳି ବାରିପଦା ମେଡିକାଲ କଲେଜ କଥା ଉଠାଇଥିବା ବେଳେ ତାରା ପ୍ରସାଦ ବାହିନୀପତି କୋରାପୁଟ ମେଡିକାଲ କଲେଜରେ ପ୍ରଫେସର ମାନଙ୍କର ଅଭାବ ଥିବା କଥା ପ୍ରଶ୍ନକାଳରେ ଏକ ପ୍ରଶ୍ନର ଉତରରେ ଆଲୋଚନା ବେଳେ କହିଥିଲେ । ଉଭୟ ବିଧାୟକ କହିଥିଲେ ଯେ ଏହି ମେଡିକାଲ କଲେଜ ଗୁଡିକ କେବଳ ରେଫରାଲ ହସପିଟାଲ ଭଳି କାମ କରୁଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଏହି ପ୍ରସଙ୍ଗରେ ସେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ଆଶ୍ରମ ସ୍କୁଲ ଛାତ୍ରର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ, ଚିକିତ୍ସାରେ ଅବହେଳା ଅଭିଯୋଗ

କନ୍ଧମାଳ, ୧୮।୭(ପି.ଏନ): କନ୍ଧମାଳ ଜିଲା ଗୋଛାପଡା ଥାନା ଅନ୍ତର୍ଗତ କଡିପାରି ଆଶ୍ରମ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀର ଛାତ୍ରଙ୍କ ମୃତ୍ୟୁ ଘଟିଛି ।ମୃତ ଛାତ୍ର ଜଣକ ହେଉଛନ୍ତି ଗୋଛାପଡା ଟିଙ୍ଗିରିଟିକା ଗ୍ରାମର ବଡା କହଁରଙ୍କ ୧୧ ବର୍ଷର ପୁଅ ଜଗା କହଁର । ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନ ଥିବାବେଳେ ଫୁଲବାଣୀ ମେଡିକାଲରେ ପହଂଚ଼ି। ପୂର୍ବରୁ ଛାତ୍ରର ମୃତ୍ୟୁ ହୋଇସାରିଥିବା କୁହାଯାଉଛି । ତେବେ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷ ଛାତ୍ର ଅସୁସ୍ଥ ଥିବା ଜାଣିବାପରେ ଚିକିତ୍ସା ପାଇଁ ପ୍ରଥମେ ଗୋଛାପଡା ଡାକ୍ତରଖାନାରେ ଭର୍ତି କରିଥିଲେ ଓ ଅବସ୍ଥା ଗୁରୁତର ହେବାରୁ ତାକୁ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ସଦରମହକୁମା ଡାକ୍ତରଖାନାରେ ଭର୍ତି କରାଯାଇଥିଲା। ତେବେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଚିକିତ୍ସାରେ ଅବହେଳା ଯୋଗୁଁ ଛାତ୍ରର ମୃତ୍ୟୁ ଘଟିଥିବା ମୃତ ଛାତ୍ରର ବାପା ବଡା କହଁର ଅଭିଯୋଗ କରିଛନ୍ତି।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ରହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ', ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ



କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ**: କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ**: ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ**: କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ**: ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ**: ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା**: ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା**: ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା**: ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ**: ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର**: କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ**: ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ**: କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଦିଲ୍ଲୀର ରାଇସିନା ହିଲର ବାଦଶାମାନେ

**ଆ**ମ ସମ୍ବିଧାନର ଧାରା ୫୨, ଭାରତ ପାଇଁ ଏକ ପ୍ରେସିଡେଂଟର ବ୍ୟବସ୍ଥା କରିଛି । ଧାରା ୫୩ ଅନୁଯାୟୀ ସେ ଶାସନର ସର୍ବୋଚ୍ଚ କର୍ତାରୂପେ (Excutive) କାର୍ଯ୍ୟ କରିବେ ବୋଲି କୁହାଯାଇଛି । ଦିଲ୍ଲୀ ରାଜଧାନୀର ରାଇସିନା ହିଲରେ ଥିବା ବ୍ରିଟିଶମାନଙ୍କ ସମୟରୁ ନିର୍ମିତ ବିଶାଳ ଭାଇସରାୟ ନିବାସ (୩୦୦ କୋଠରୀ)ରେ ସେ ରହିବେ ବୋଲି ବ୍ୟବସ୍ଥା ହୋଇଛି । ବ୍ରିଟିଶମାନେ କହୁଥିଲେ- "India should be ruled from a palace not from a country house."



ସ୍ୱାଧିନତା ପରଠାରୁ ଏପର୍ଯ୍ୟନ୍ତ ୧୪ ଜଣ ରାଷ୍ଟ୍ରପତି ଗାଦିରେ ବସିଛନ୍ତି । ତା' ଆଗରୁ ଗଭର୍ଣ୍ଣର ଜେନେରାଲ ଚକ୍ରବର୍ତୀ ରାଜଗୋପାଳ ଆଚାରୀ ପ୍ରଥମ ଭାରତୀୟ ରୂପେ ସେଠାରେ ରହିଥିଲେ । ନିକଟରେ ଗାଦିରେ ଥିବା ରାମନାଥ କୋବିନ୍ଦ ବିଦାୟ ନେଲାପରେ ୧୮ ଜୁଲାଇ ଦିନ ନୂତନ ରାଷ୍ଟ୍ରପତି ନିର୍ବାଚିତ ହୋଇ ୨୫ ତାରିଖ ଦିନ ଆସନ ଗ୍ରହଣ କରିବେ । ସେହି ପଦ ପାଇଁ ପ୍ରାର୍ଥିନୀ ଥିବା ଦ୍ରୌପଦୀ ମୁର୍ମୁ ଜିତିଲେ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ହେବାର ସୌଭାଗ୍ୟ ସେ ପାଇବେ ।

ଡକ୍ଟର ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଥିଲେ । ବିହାର ଜନ୍ମିତ ରାଜେନ୍ଦ୍ର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଓକିଲ ଥିଲେ । ଭାରତର ସମ୍ବିଧାନ ସଭାର ସେ ସଭାପତି ପଦ ଗ୍ରହଣ କରିଥିଲେ । ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା ପରେ ସେ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ରାଷ୍ଟ୍ରପତି ପଦରେ ଆସୀନ ହେଲେ । ୧୯୫୨ ଓ ୧୯୫୭ ମସିହାରେ ଜିତି ସମୁଦାୟ ୧୨ ବର୍ଷ (୧୯୫୦-୬୨) ସେ ଏହି ପଦରେ ରହି ଅବସର ପରେ ବିହାର ଫେରି ବିଦ୍ୟାଭବନ ପରିସରରେ ରହିଲେ । ୧୯୫୪ ମସିହାରେ ସେ 'ଭାରତ ରତ୍ନ' ସମ୍ମାନରେ ଭୂଷିତ ହେଲେ । ୨୮ ଫେବୃୟାରୀ ୧୯୬୩ ମସିହାରେ ତାଙ୍କର ପରଲୋକ ଗମନ ହେଲା ।

ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ରୂପେ ୧୩ ମେ' ୧୯୬୨ରୁ ୧୩ ମେ' ୧୯୬୭ ପର୍ଯ୍ୟନ୍ତ ରହିଥିଲେ । ତା' ପୂର୍ବରୁ ସେ ଭାରତର ଉପରାଷ୍ଟ୍ରପତି ପଦବୀରେ ରହିଥିଲେ । ଜଣେ ବିଶିଷ୍ଟ ଶିକ୍ଷାବିଦ୍ ଓ ଦାର୍ଶନିକ ରୂପେ ସେ ସାରା ବିଶ୍ୱରେ ପରିଚିତ । ୧୯୫୪ ମସିହାରେ ସେ ଭାରତ ରତ୍ନ ସମ୍ମାନ ପାଇଛନ୍ତି ।ଏହାବ୍ୟତିତ ସେ ଅର୍ଡର ଅଫ ମେରିଟ ବ୍ରିଟିଶ ଏମ୍ପାୟାର ଓ ଟେମ୍ପଲଟନ ପୁରସ୍କାର ମଧ୍ୟ ପାଇଛନ୍ତି । ତାଙ୍କର ଜନ୍ମ ଦିବସ ସେପ୍ଟେମ୍ବର ୫ ଗୁରୁ ଦିବସ ରୂପେ ଦେଶରେ ପାଳିତ ହେଉଚି । ୧୭ ଏପ୍ରିଲ ୧୯୭୫ରେ ତାଙ୍କର ମହାପ୍ରୟାଣ ଘଟିଲା ।

ଭାରତର ତୃତୀୟ ରାଷ୍ଟ୍ରପତି ରୂପେ ଡଃ ଜାକିର ହୁସେନ ୧୩ ମେ' ୧୯୬୭ ମସିହାରୁ ୧୩ ମେ' ୧୯୬୯ ପର୍ଯ୍ୟନ୍ତ ରହିଥିଲେ । ତା' ପୂର୍ବରୁ ସେ ଦେଶର ଉପ-ରାଷ୍ଟ୍ରପତି ପଦବୀରେ ଥିଲେ । ସେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଥିଲେ । ଗାନ୍ଧୀଙ୍କ ଦ୍ୱାରା ପ୍ରଦର୍ଶିତ ମୌଳିକ ଶିକ୍ଷା କମିଟିର ସେ ଚେୟାରମ୍ୟାନ ଥିଲେ । ଜାମିଆ ମିଲିଆ ଇସମାଲିଆ ନାମକ ଶିକ୍ଷାନୁଷ୍ଠାନର ସେ ସ୍ଥାପୟିତା ଥିଲେ । ଜାକିର ହୁସେନ ଥିଲେ ପ୍ରଥମ ମୁସଲିମ ରାଷ୍ଟ୍ରପତି । ସମୟ ପୂରିବା ଆଗରୁ ତାଙ୍କର ଅକାଳ ବିୟୋଗ ଘଟିଲା

**ପ୍ରେସିଡେଣ୍ଟ ଭିଭି ଗିରି**-ଜାକିର ହୁସେନଙ୍କ ମୃତ୍ୟୁ ପରେ ଉପରାଷ୍ଟ୍ରପତି ଥିବା ଭିଭି ଗିରି ରାଷ୍ଟ୍ରପତି ପଦବୀରେ କିଛିଦିନ ରହିଲା ପରେ ୧୯୬୯ ରାଷ୍ଟ୍ରପତି ନିର୍ବାଚନରେ ସେ ସ୍ୱାଧିନ ପ୍ରାର୍ଥୀ ରୂପେ ରାଷ୍ଟ୍ରପତି ପଦ ପାଇଁ ମନୋନୟନପତ୍ର ଦାଖଲ କଲେ ଓ ଜିତିଲେ । ତାଙ୍କ ନିର୍ବାଚନ ପାଇଁ କଂଗ୍ରେସ ଦଳ ଦୁଇଭାଗରେ ବିଭକ୍ତ ହେଲା । ସେ ଅଗଷ୍ଟ ୨୪ ୧୯୬୯ରୁ ୨୪ ଅଗଷ୍ଟ ୧୯୭୪ ମସିହା ପର୍ଯ୍ୟନ୍ତ ପଦରେ ରହିଥିଲେ । ତା' ଆଗରୁ ସେ ମହିଶୁର ଷ୍ଟେଟ, କେରଳ, ୟୁପିର ଗଭର୍ଣ୍ଣର ଦାୟିତ୍ୱରେ ରହିଥିଲେ । ଜଣେ ଶ୍ରମିକ ନେତା ରୂପେ ସେ ଦେଶରେ ବିଖ୍ୟାତ ଥିଲେ । ଇନ୍ଦିରା ଗାନ୍ଧିଙ୍କ ଅନେକ ଅନ୍ୟାୟ ଆଦେଶକୁ ସେ ଗ୍ରହଣ କରି ସମାଲୋଚିତ ହୋଇଥିଲେ (Priminister's President) । ୧୯୮୦ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କୁ ଭାରତ ରତ୍ନ ସମ୍ମାନ (୧୯୭୫)ରେ ସମ୍ମାନିତ କରାଯାଇଥିଲା ।



**ଫକିରଉଦ୍ଦିନ ଅଲ୍ଲୀ ଅହମଦ**-ସେ ୨୪ ଅଗଷ୍ଟ ୧୯୭୪ରୁ ୧୧ ଫେବୃୟାରୀ ୧୯୭୭ ପର୍ଯ୍ୟନ୍ତ ଦ୍ୱିତୀୟ ମୁସଲିମ ବ୍ୟକ୍ତି ରୂପେ ପଦବୀରେ ଥିଲେ । ସେ ଇନ୍ଦିରା ଗାନ୍ଧିଙ୍କ ଜରୁରୀ ଘୋଷଣାରେ ସ୍ୱାକ୍ଷର କରି ପରେ ସମାଲୋଚିତ ହୋଇଥିଲେ । ପୂର୍ବରୁ ସେ କେନ୍ଦ୍ର କୃଷି ଓ ଖାଦ୍ୟମନ୍ତ୍ରୀ ରହିଥିଲେ । ସମୟ ସରିବା ଆଗରୁ ତାଙ୍କର ଅକାଳ ବିୟୋଗ ହେଲା ।

**ନୀଲମ ସଞ୍ଜିବ ରେଡି**-ଦେଶର ଷଷ୍ଠ ରାଷ୍ଟ୍ରପତି ରୂପେ ସଞ୍ଜିବ ରେଡି ୨୫ ଜୁଲାଇ ୧୯୭୭ ମସିହାରୁ ୨୫ ଜୁଲାଇ୧୯୮୨ ମସିହା ପର୍ଯ୍ୟନ୍ତ ପଦବୀରେ ରହିଥିଲେ । ଫକିରଉଦ୍ଦିନଙ୍କ ଅକାଳ ବିୟୋଗ ପରେ ଉପରାଷ୍ଟ୍ରପତି ବିଡି ଜତି ଅବଶିଷ୍ଟ ଦିନ ରାଷ୍ଟ୍ରପତି ରୂପେ ଦାୟିତ୍ୱ ସମ୍ଭାଳିଥିଲେ । ଜରୁରୀ ଅବସ୍ଥା ପରେ ଇନ୍ଦିରାଙ୍କ ବିପର୍ଯ୍ୟୟ ନିର୍ବାଚନରେ ହୋଇ କେନ୍ଦ୍ରରେ ଜନତା ସରକାର ଆସିଲା ଓ ସେମାନେ ରେଡିଙ୍କୁ ପ୍ରାର୍ଥୀ କଲେ । ଆଗରୁ ଥରେ ସେ କଂଗ୍ରେସ ଦଳ ତରଫରୁ ପ୍ରାର୍ଥୀ ହୋଇ ସ୍ୱାଧିନ ତଥା ଇନ୍ଦିରା ଗାନ୍ଧି ସମର୍ଥିତ ପ୍ରାର୍ଥୀ ଭିଭି ଗିରିଙ୍କ ଠାରୁ ହାରିଥିଲେ । ଏଥର କିନ୍ତୁ ସେ କୌଣସି ବିରୋଧର ସମ୍ମୁଖୀନ ନହୋଇ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତିଥିଲେ । ସେ ଆଗରୁ ଲୋକସଭାର ବାଚସ୍ପତି ଓ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ । ଚରଣ ସିଂ ପ୍ରଧାନମନ୍ତ୍ରୀ ପଦବୀରୁ ଇସ୍ତଫା ଦେଲାପରେ ସେ ଜଗଜ୍ଜୀବନ ରାମଙ୍କ ପ୍ରଧାନମନ୍ତ୍ରୀ ଦାବିକୁ ଗ୍ରହଣ ନକରି ପାର୍ଲିଆମେଂଟ ଭଙ୍ଗ କରିବାରୁ ଜାତିଆଣ ଭାବ ପାଇଁ ସମାଲୋଚିତ ହୋଇଥିଲେ । ୨୦୦୨ ମସିହାରେ ତାଙ୍କର ମହାପ୍ରୟାଣ ଘଟିଲା । ତାଙ୍କ ସମୟରେ ରାଷ୍ଟ୍ରପତି ଉଦ୍ୟାନକୁ ସର୍ବସାଧାରଣଙ୍କ ପବେଶ ଅଧିକାର ମିଳିଥିଲା ।

ଭାରତର ସପ୍ତମ ରାଷ୍ଟ୍ରପତି ରୂପେ ଜଣେ ଶିଖ ଜ୍ଞାନୀ ଜୈଲ ସିଂ ୨୫ ଜୁଲାଇ ୧୯୮୨ ମସିହାରୁ ୨୫ ଜୁଲାଇ ୧୯୮୭ ମସିହା ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ । ସେ ପଞ୍ଜାବର ମୁଖ୍ୟମନ୍ତ୍ରୀ, ଭାରତର ଗୃହମନ୍ତ୍ରୀ ଓ ଗୋଷ୍ଠି ନିରପେକ୍ଷ ସଂଗଠନର ଚେୟାରମାନ ରହିଥିଲେ । ତାଙ୍କ ସମୟରେ ଅପରେସନ ବ୍ଲୁଷ୍ଟାର, ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାଣ୍ଡ ଓ ଶିଖ ବିରୋଧୀ ଦଙ୍ଗା ହୋଇଥିଲା । ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧିଙ୍କ ସମୟରେ ଗୃହିତ ହୋଇ ତାଙ୍କର ମତାମତ ପାଇଁ ପଠାଯାଇଥିବା ପୋଷ୍ଟାଲ ବିଲକୁ ଫେରାଇ ଦେଇ ପ୍ରଶଂସାର ପାତ୍ର ହୋଇଥିଲେ । ୧୯୯୪ ମସିହାରେ ତାଙ୍କର ଏକ ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଘଟିଲା ।

ଭାରତର ଅଷ୍ଟମ ରାଷ୍ଟ୍ରପତି ରୂପେ ରାମସ୍ୱାମି ଭେଙ୍କଟରମନ ୨୫ ଜୁଲାଇ ୧୯୮୭ରୁ ୨୫ ଜୁଲାଇ ୧୯୯୨ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ । ତାମିଲନାଡୁ ଜନ୍ମିତ ଭେଙ୍କଟରମଣ କାମରାଜ ଓ ଭକ୍ତବତ୍ସଳମ ମନ୍ତ୍ରୀମଣ୍ଡଳରେ ସଭ୍ୟ ଥିଲେ । କେନ୍ଦ୍ରରେ ସେ ଅର୍ଥ, ଗୃହ ଓ ପ୍ରତିରକ୍ଷା ବିଭାଗର ମନ୍ତ୍ରୀ ତଥା ଭାରତର ଉପରାଷ୍ଟ୍ରପତି ମଧ୍ୟ ଥିଲେ । ୨୦୦୯ ମସିହାରେ ତାଙ୍କର ପରଲୋକ ଯାତ୍ରା ହୋଇଯାଇଛି ।

ନବମ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ୨୫ ଜୁଲାଇ ୧୯୯୨ରୁ ୨୫ ଜୁଲାଇ ୧୯୯୭ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ । ସେ ଭୋପାଳ ଷ୍ଟେଟର ମୁଖ୍ୟମନ୍ତ୍ରୀ, ଜାତୀୟ କଂଗ୍ରେସର ସଭାପତି, ଭାରତର ଉପ-ରାଷ୍ଟ୍ରପତି, ମହାରାଷ୍ଟ୍ର, ଆନ୍ଧ୍ର, ପଞ୍ଜାବ ରାଜ୍ୟର ରାଜ୍ୟପାଳ ରୂପେ ଦାୟିତ୍ୱ ନିଭାଇଥିଲେ । କେନ୍ଦ୍ରର ସେ ଯୋଗାଯୋଗ କ୍ୟାବିନେଟ ମନ୍ତ୍ରୀ ଥିଲେ । ୧୯୯୯ ମସିହାରେ ତାଙ୍କର ପରଲୋକ ଯାତ୍ରା ହୋଇଯାଇଛି ।

ଦଶମ ରାଷ୍ଟ୍ରପତି ରୂପେ କେ.ଆର. ନାରାୟଣନ୍ ୨୫ ଜୁଲାଇ ୧୯୯୭ରୁ ୨୫ ଜୁଲାଇ ୨୦୦୨ ମସିହା ପର୍ଯ୍ୟନ୍ତ କ୍ଷମତାରେ ଥିଲେ । ସେ ଦେଶର ପ୍ରଥମ ଦଳିତ ରାଷ୍ଟ୍ରପତି । କେରଳର ତ୍ରାଭାଙ୍କୋର ରାଜ୍ୟରେ ସେ ଜନ୍ମଗ୍ରହଣ କରିଥିଲେ । ସର୍ବଭାରତୀୟ ବିଦେଶ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସେ ଚୀନ, ଆମେରିକା, ଇଂଲଣ୍ଡ ଭଳି ଦେଶମାନଙ୍କରେ ରାଜଦୂତ ପଦରେ ରହିଥିଲେ । ଜବହରଲାଲ ନେହରୁ ତାଙ୍କୁ ବେଷ୍ଟ କ୍ୟାରିଅର ଡିପ୍ଲୋମାଟ (Best Carrier Diplomat) କହିଥିଲେ । ପରେ ସେ ରାଜନୀତିକୁ ଆସି ଭାରତର ଉପରାଷ୍ଟ୍ରପତି ହୋଇଥିଲେ ଓ ଜଣେ କାମଚଳା ରାଷ୍ଟ୍ରପତି ରୂପେ ନାଁ କରିଥିଲେ । ୨୦୦୫ରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଭାରତର ୧୧ତମ ରାଷ୍ଟ୍ରପତି ହୋଇଥିଲେ ବିଶିଷ୍ଟ ମହାକାଶ ତଥା ଆଣବିକ ବୈଜ୍ଞାନିକ ଏ.ପି.ଜେ. ଅବଦୁଲ କାଲାମ । ସେ ୨୫ ଜୁଲାଇ ୨୦୦୨ରୁ ୨୫ ଜୁଲାଇ ୨୦୦୭ ପର୍ଯ୍ୟନ୍ତ ରାଷ୍ଟ୍ରପତି ଥିଲେ । ତାଙ୍କୁ ମିଜାଇଲ ମ୍ୟାନ ଅଫ ଇଣ୍ଡିଆ ଓ ଲୋକଙ୍କ ପ୍ରେସିଡେଂଟ (People's President) କୁହାଯାଏ । ନିର୍ବାଚନରେ ସେ ପ୍ରାୟ ସବୁ ରାଜନୈତିକ ଦଳଙ୍କ ସମର୍ଥନ ପାଇଥିଲେ । ଭାରତର ଅନେକ ଦୂରଗାମୀ କ୍ଷେପଣାସ୍ତ୍ର, ମହାକାଶ ଯାନ, ପରମାଣୁ ଅସ୍ତ୍ର ପରୀକ୍ଷା ତାଙ୍କ ନିର୍ଦ୍ଦେଶରେ ହୋଇଥିଲା । ତାଙ୍କ ସମୟରେ ବିଶିଷ୍ଟ ଆତଙ୍କୀ ଆଫଜଲ ଗୁରୁର ମର୍ସି ପେଟିସନ ସେ ଅଗ୍ରାହ୍ୟ କରିବାପରେ ତାକୁ ଫାଶି ଦିଆଗଲା । ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ଦିଆହୋଇଥିଲା । ଦ୍ୱିତୀୟ ଥର ପ୍ରେସିଡେଣ୍ଟ ହେବାପାଇଁ ଅନେକ ସ୍ତରରୁ ଅନୁରୋଧ ହେଲେ ମଧ୍ୟ ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ । ପଦତ୍ୟାଗ କଲାପରେ ସେ ଅନେକ ବିଖ୍ୟାତ ଶିକ୍ଷା ଓ ଗବେଷଣା ଅନୁଷ୍ଠାନର ଭିଜିଟିଙ୍ଗ ପ୍ରଫେସର ପଦ ଗ୍ରହଣ କରିଥିଲେ । ବିଭିନ୍ନ ଅନୁଷ୍ଠାନରେ ଭାଷଣ ଦେଇଥିଲେ । ୨୦୧୫ ମସିହାରେ ଆସାମ ଠାରେ ଏକ ଭାଷଣ ପାଇଁ ଯାଇଥିଲା ବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଲା । ତାଙ୍କ ଶରୀରକୁ ଜନ୍ମସ୍ଥାନ ରାମେଶ୍ୱର (ତାମିଲନାଡୁ) ଅଣାହୋଇ ସେଠାରେ କବର ଦିଆଗଲା । ସେଠାରେ ତାଙ୍କ ପାଇଁ ଏକ ସ୍ମୃତି ମନ୍ଦିର ପ୍ରତିଷ୍ଠା ହୋଇଛି । ଓଡିଶାର ଏକ ଦ୍ୱୀପକୁ କାଲାମ ଆଇଲାଣ୍ଡ ରୂପେ ନାମିତ ହୋଇଛି ।

ଭାରତର ୧୨ତମ ପ୍ରେସିଡେଂଟ ରୂପେ ପ୍ରଥମ ଥର ପାଇଁ ଜଣେ ମହିଳା ପ୍ରତିଭା ଦେବସିଂ ପାଟିଲ ନିର୍ବାଚିତ ହୋଇଥିଲେ । ସେ କଂଗ୍ରେସ- ଉପା ସମର୍ଥିତ ପ୍ରାର୍ଥିନୀ ଥିଲେ ଓ ବିଜେପି ସମର୍ଥିତ ବରିଷ୍ଠ ନେତା ଭୈରନ ସିଂ ଶେଖାୱାତଙ୍କୁ ପରାସ୍ତ କରିଥିଲେ । ସେ ମହାରାଷ୍ଟ୍ରର ଝିଅ ଓ ରାଜସ୍ଥାନର ବୋହୂ ଥିଲେ । ରାଜସ୍ଥାନର ରାଜ୍ୟପାଳ, ରାଜ୍ୟସଭାର ସଭ୍ୟ ରୂପେ ସେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ଗାନ୍ଧି ପରିବାର ପ୍ରତି ଅନୁରକ୍ତି ହିଁ ତାଙ୍କର ଏକମାତ୍ର ଗୁଣ ଥିଲା । ତାଙ୍କ କ୍ଷମତାକାଳ ନାନା ବିତର୍କରେ କଟିଥିଲା । ନିଜର ପରିବାର (୧୧ଜଣ)ଙ୍କୁ ଧରି ସେ ବାରମ୍ବାର ବିଦେଶ ଭ୍ରମଣ କରି ରାଜକୋଷରୁ ୨୫୦ କୋଟି ଟଙ୍କା ବ୍ୟୟ କରିଥିଲେ । ବିଦେଶରୁ ମିଳିଥିବା ଉପହାରମାନ ନିୟମ ନଥିଲେ ମଧ୍ୟ ନିଜ ଘରକୁ ନେଇଥିଲେ । ତାଙ୍କ ନିଜ ଭାଇକୁ ଏକ ହତ୍ୟା ମାମଲାରୁ ଖସାଇଥିଲେ । ତାଙ୍କ ସମୟରେ ୩୪ ଜଣ ମୃତ୍ୟୁଦଣ୍ଡରେ ଦଣ୍ଡିତ ଅପରାଧୀଙ୍କୁ କ୍ଷମା ଦେଇଥିଲେ । ନିୟମ ନଥିଲେ ମଧ୍ୟ ଅବସର ପରେ ପୁନାରେ ରହିବାପାଇଁ ସରକାରୀ ଅର୍ଥରେ ଏକ ବିଶାଳ ଘର ତୟାର କରାଇଥିଲେ ।

୧୩ତମ ରାଷ୍ଟ୍ରପତି-ବିଶିଷ୍ଟ କଂଗ୍ରେସ ନେତା ତଥା ଗାନ୍ଧି ପରିବାରର ଅତ୍ୟନ୍ତ ଅନୁଗତ ପ୍ରଣବ ମୁଖାର୍ଜୀ ଦେଶର ରାଷ୍ଟ୍ରପତି ରୂପେ ୨୫ ଜୁଲାଇ ୨୦୧୨ରୁ ୨୫ ଜୁଲାଇ ୨୦୧୭ ପର୍ଯ୍ୟନ୍ତ ରହିଥିଲେ । ସେ ବଙ୍ଗଳାର ଅଜୟ ମୁଖାର୍ଜୀଙ୍କ ବଙ୍ଗଳା କଂଗ୍ରେସରେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ପରେ କଂଗ୍ରେସରେ ମିଶି ସେ ଦୀର୍ଘକାଳ କେନ୍ଦ୍ର କ୍ୟାବିନେଟର ଅର୍ଥ, ବୈଦେଶିକ ଭଳି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗମାନ ଙ୍କର ଦାୟିତ୍ୱରେ ଥିଲେ । ଦେଶସାରା ସେ ଦାଦା ଓ କଂଗ୍ରେସ ଦଳର 'Man of all weather' ନାମରେ ପରିଚିତ । ତାଙ୍କୁ ୨୦୧୭ ମସିହାରେ ଭାରତ ରତ୍ନ ସମ୍ମାନ ଦିଆଯାଇଛି । କରୋନାରେ ଆକ୍ରାନ୍ତ ହୋଇ ସେ ୩୧ ଅଗଷ୍ଟ ୨୦୧୮ ମସିହାରେ ପ୍ରାଣତ୍ୟାଗ କଲେ । ମୃତ୍ୟୁର କିଛିଦିନ ଆଗରୁ ସେ ଆରଏସଏସ ସଭାରେ ଭାଷଣ ଦେଇ ଚର୍ଚ୍ଚାକୁ ଆସିଥିଲେ ।

୧୪ତମ ରାଷ୍ଟ୍ରପତିରୂପେ ଜଣେ ଦଳିତ ରାମନାଥ କୋବିନ୍ଦ (ୟୁପିର) ୨୦୧୭, ୨୫ ଜୁଲାଇରୁ ରାଷ୍ଟ୍ରପତି ରହିଛନ୍ତି । ଆସନ୍ତା ୨୫ ତାରିଖରେ ତାଙ୍କର କାର୍ଯ୍ୟକାଳ ସରିଯିବ । ସେ ପୂର୍ବରୁ ବିହାର ରାଜ୍ୟର ରାଜ୍ୟପାଳ ଓ ରାଜ୍ୟସଭାର ସଭ୍ୟ ଥିଲେ ।

ପୂର୍ବତନ ରାଷ୍ଟ୍ରପତିମାନେ ଅବସର ପରେ ମାସକୁ ୧.୫ ଲକ୍ଷ ଟଙ୍କା ପେନସନ, ୬୦,୦୦୦ ଟଙ୍କା ସେକ୍ରେଟାରୀ ଖର୍ଚ୍ଚ ପାଇଁ, ଆଠ ରୁମ ବିଶିଷ୍ଟ ଦିଲ୍ଲୀରେ ବାସ ଗୃହ, ମାଗଣା କାର୍ ଡ୍ରାଇଭର, ଟେଲିଫୋନ ଓ ସୁରକ୍ଷା ବ୍ୟବସ୍ଥା, ମାଗଣା ସ୍ୱାସ୍ଥ୍ୟସେବା, ମାଗଣା ଭ୍ରମଣ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଏ । ଭାରତୀୟ ସମ୍ବିଧାନ ସେମାନଙ୍କୁ ରବର ଷ୍ଟାମ୍ପ ରୂପେ ସୃଷ୍ଟି କରିଥିଲେ ମଧ୍ୟ ନିଜର ଉଚ୍ଚ ବ୍ୟକ୍ତିତ୍ୱ ବଳରେ ସେମାନେ ଯେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ ।

**ଡାଃ ସୁରେନ୍ଦ୍ର ନାଥ ଦାଶ**
—ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ: ୯୪୩୭୨୩୫୩୮୬




# ମୌଳିକ ସୁବିଧାରୁ ବଞ୍ଚିତ କୋଣାର୍କ ଏନଏସିର ବାସିନ୍ଦା



କୋଣାର୍କ (ପିଏନ୍)-୧୯୮୩ ମସିହା ଡିସେମ୍ବର ୧୭ ତାରିଖରେ କୋଣାର୍କର ସହରାଞ୍ଚଳ ସମେତ ୭ଟି ଗାଁକୁ ମିଶାଇ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠିତ ହୋଇଥିଲା। ୧୯୮୩ ମିସହା ପୂର୍ବରୁ କୋଣାର୍କ ଅଞ୍ଚଳ ଗୋପ ବ୍ଲକର ଜୁଣେଇ ଗ୍ରାମ ପଞ୍ଚାୟତରେ ଅନ୍ତର୍ଭୁକ୍ତ ଥିଲା। ଅର୍ନ୍ତଜାତୀୟ ପର୍ଯ୍ୟଟନସ୍ଥଳି କୋଣାର୍କରେ ସୂର୍ଯ୍ୟମନ୍ଦିରର ଅବସ୍ଥିତି ହେତୁ ଏଠାରେ ବର୍ଷତମାମ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କର ଭିଡ ଲାଗି ରହୁଥିବାରୁ ଏହାକୁ ଗୁରୁତ୍ୱଦେଇ ଗଠିତ ହୋଇଥିଲା କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ । ୧୩ଟି ୱାର୍ଡ ବିଶିଷ୍ଟ ଏହି ବିଜ୍ଞାପିତ ଅଞ୍ଚଳରେ ବର୍ତ୍ତମାନ ୨୦ ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି । ହେଲେ ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଯେଉଁ ମୌଳିକ ସୁବିଧା ସୁଯୋଗ ଲୋକଙ୍କୁ ମିଳିବା କଥା ତାହା ମିଳୁନାହିଁ । ୧୩ଟି ୱାର୍ଡକୁ ଆଲୋକିକରଣ କରିବା ପାଇଁ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରାଯାଇଥିଲେ ମଧ ଅନେକ ସ୍ଥାନରେ ଜଳୁନଥିବାରୁ ଲୋକେ ଅନ୍ଧାରରେ କାଳାତିପାତ କରୁଛନ୍ତି । ଏ ସମ୍ପର୍କରେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା ଜାଣି ନଜାଣିବାର ଅଭିନୟ କରିଥାନ୍ତି । ନିର୍ବାହୀ ଅଧିକାରୀ କୋଣାର୍କ ଏନଏସିରେ ଯୋଗଦାନ କରିବା ଦିନଠାରୁ ଏଠାରେ ନ ରହି କଟକରୁ ଯାଆସ କରୁଥିବାରୁ ନିର୍ଦ୍ଧାରିତ ସମୟରେ ନ ପହଂଚି ସର୍ବଦା ବିଳମ୍ବ ୧୧ଟା ୩୦ରେ କାର୍ଯ୍ୟାଳୟରେ ଯୋଗ ଦିଅନ୍ତି । ପରିଷଦ ମୁଖିଆଙ୍କ ଏତାଦୃଶ କାର୍ଯ୍ୟ ଦେଖି ଅଧସ୍ତନ କର୍ମଚାରୀମାନେ ମଧ ବିଳମ୍ବରେ ଆସିଥାନ୍ତି । ଏତଦ୍‌ବ୍ୟତିତ ବିଭିନ୍ନ ସମସ୍ୟା ନେଇ ନିର୍ବାହୀ ଅଧିକାରୀଙ୍କ ପାଖକୁ ଆସୁଥିବା ଲୋକଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ମଧ ରହିଛି । ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟରାସ୍ତାକୁ ଛାଡିଦେଲେ ୧୩ଟି ୱାର୍ଡର ଗଳିକନ୍ଦିକୁ ଯାଇଥିବା ରାସ୍ତା ଅନ୍ଧାରରେ ରହିଛି । ଆଲୋକିକରଣ ପାଇଁ ଲୋକେ ବାରମ୍ବାର ଅଭିଯୋଗ କଲାପରେ ବି କୌଣସି ସୁଫଳ ମିଳୁନାହିଁ । କୋଣାର୍କରେ ଜଳଠୁଳ ସମସ୍ୟାକୁ ଦୂର କରିବା ପାଇଁ ୨୦୧୧ ମସିହାରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଡ୍ରେନ କାମରେ ଆସୁନାହିଁ । ପରିଷଦର କଲ୍ୟାଣ ମଣ୍ଡପ ଥିଲେବି ଲୋକଙ୍କ କାମରେ ଲାଗୁନାହିଁ । ନବନିର୍ମିତ ବିଶାଳ କୋଠା ଏବେ ଭୂତକୋଠିରେ ପରିଣତ ହେବା ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି । ସ୍ଥାନୀୟ ଲୋକଙ୍କ ଜ୍ଞାନର ଅଭିବୃଦ୍ଧି ପାଇଁ ପାଠାଗାରଟିଏ ବି ଏଠାରେ ନାହିଁ । ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ଟି ୱାର୍ଡରେ ଥିବା ରାସ୍ତା ମରାମତି ହେଉନଥିବା ବେଳେ ବିଶୁଦ୍ଧ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥାରେ ସୁଧାର ଆସିପାରୁନାହିଁ କି ଅନ୍ୟାନ୍ୟ ମୌଳିକ ସୁବିଧା ଲୋକଙ୍କୁ ମିଳିପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି । ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଜନସଚେତନତା ବାବଦରେ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଖର୍ଚ୍ଚ ହେଉଛି, ହେଲେ ତାହା କାମରେ ଆସୁନି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ପିଇବା ଅନୁପଯୋଗୀ ହୋଇପଡିଛି । ବର୍ତ୍ତମାନ ସହରକୁ ସୌର ଆଲୋକରେ ଆଲୋକିତ କରିବା ପାଇଁ ସୌର ଲାଇଟର ବ୍ୟବସ୍ଥା ଓ ବିଶୁଦ୍ଧ ପିଇବା ପାଣି ପାଇଁ ସୌରଚାଳିତ ପାଣି ଏଟିଏମର ବ୍ୟବସ୍ଥା ବିଭିନ୍ନ ସ୍ଥାନରେ କରାଯାଇଥିଲେ ମଧ ଅନେକ ସମୟରେ ତାହା ଅଚଳ ହୋଇ ପଡିରହୁଛି ।



# ରେଣୁକା ଗିରିଙ୍କ ସନ୍ଦେହଜନକ ମୃତ୍ୟୁ, ବାପା ଆଣିଥିଲେ ହତ୍ୟା ଅଭିଯୋଗ, ଅପମୃତ୍ୟୁ ମାମଲା ଦାୟର କରି ପୋଲିସ ଚୁପ୍

କେନ୍ଦୁଝର (ପିଏନ୍): ଝୁମ୍ପୁରା ଥାନାରୁ ମାତ୍ର ୫୦ ମିଟର ଦୂରରେ ଏମଡି ମୋଦାସିର ଆଲ୍ଲାମଙ୍କ ବାଡିପଟ ଆମ୍ବଗଛରୁ ଗତ ମାସ ୨୭ ତାରିଖରେ ଝୁଲା ଅବସ୍ଥାରେ ରେଣୁକା ଗିରି (୨୩ ବର୍ଷ)ଙ୍କ ମରଶରୀର ପୁଲିସ ଜବତ କରିଥିଲା। ରେଣୁକା ଗିରିଙ୍କ ବାପା ମିହିର ଗିରି ଝୁମ୍ପୁରା ଥାନାରେ ସେହି ୨୭ ତାରିଖରେ ଝିଅକୁ ମାରି ଟାଙ୍ଗି ଦିଆଯାଇଛି ବୋଲି ଲିଖିତ ଏତଲାରେ ଉଲ୍ଲେଖ କରିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଦେଖି ଏହା ଏକ ପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମଧ୍ୟ କୁହାଯାଉଛି, ହେଲେ ଏହି ଗରିବ ଝିଅ ରେଣୁକା ଗିରିଙ୍କ ମୃତ୍ୟୁର କାରଣ ଖୋଜିବା ପାଇଁ ପୋଲିସ ସାମାନ୍ୟତମ ପ୍ରୟାସ କରୁନାହିଁ। ମୃତ୍ୟୁର ଦୀର୍ଘଦିନ ବିତି ଯାଇଥିଲେ ହେଁ ବ୍ୟବଚ୍ଛେଦ ରିପୋର୍ଟ, ସାଇଣ୍ଟିଫିକ ଟିମର ରିପୋର୍ଟ ମିଳିପାରିନାହିଁ। ଏହାବ୍ୟତିତ ରେଣୁକା ଗିରିଙ୍କ ମୃତ ଶରୀର ପାଖରୁ ଜବତ ହୋଇଥିବା ମୋବାଇଲର କଲ ରେକର୍ଡ ମଧ୍ୟ ଯାଂଚ କରାଯାଉନାହିଁ। ଯାହାକି ପୋଲିସର ଏତାଦୃଶ କାର୍ଯ୍ୟକଳାପକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସୂଚନା ମୁତାବକ ରେଣୁକା ଗିରିଙ୍କ ଘର ପଡୋଶୀ ମୟୁରଭଂଜ ଜିଲ୍ଲା ରରୁଆଁ ଥାନା ଅନ୍ତର୍ଗତ ଜାମୁନାଳିଆ ଗ୍ରାମରେ। ଗରିବ ପରିବାରର ହୋଇଥିବାରୁ, ଘରର ଆର୍ଥିକ ସ୍ଥିତି ଠିକ୍ ନ ଥିବାରୁ ଅନ୍ୟମାନଙ୍କ ସହାୟତାରେ ରେଣୁକା ଝୁମ୍ପୁରା ଆସି ଗତ ୪ମାସ ହେବ ଝୁମ୍ପୁରାସ୍ଥିତ ଏମଡି ମୋଦାସିର ଆଲାମଙ୍କ (ଓଡିଶା ହ୍ୟାଣ୍ଡଲୁମ) ଲୁଗା ଦୋକାନରେ ସେଲସମ୍ୟାନ ଭାବେ କାମ କରୁଥିଲା । ଏମଡି ମୋଦାସିର ନିଜ ଘରେ ରେଣୁକାକୁ ରଖିବା ସହିତ ତା'ର ଖାଇବା ରହିବାର ସବୁ ଭଲମନ୍ଦ ବୁଝୁଥିଲେ। ସୂଚନା ଆଧାରରେ ଏମଡି ମୋଦାସିର ଆଲାମଙ୍କ କହିବା ଅନୁଯାୟୀ ରେଣୁକା ମୃତ୍ୟୁର ପୂର୍ବଦିନ ରାତି ମୋଦାସିରଙ୍କ ଘରେ ରହି ନ ଥିଲେ, ରାତିରେ ରେଣୁକା ଘରେ ନ ଥିବା ନେଇ ମୋଦାସିର ଥାନାକୁ ସୂଚନା ଦେଇ ନ ଥିଲେ । ତା' ପରଦିନ ସକାଳେ ଏମଡି ମୋଦାସିରଙ୍କ ଘର ପାଖ ଆମ୍ବଗଛରେ ରେଣୁକାଙ୍କ ମରଶରୀର ଝୁଲୁଥିଲା। ମୋଦାସିର ଆଲାମଙ୍କ ଘରର ୨ପାର୍ଶ୍ୱରେ ଅଟୋ ଗ୍ୟାରେଜ ଏବଂ ବାଇକ ଗ୍ୟାରେଜ ରହିଛି। ୮ରୁ ୧୦ ଯୁବକ ଗ୍ୟାରେଜଗୁଡିକରେ କାମ କରିବା ସହିତ ରାତିରେ ରହିଥାନ୍ତି। ଝୁମ୍ପୁରା ପୋଲିସ ମୃତା ରେଣୁକାଙ୍କ ପରିବାରକୁ ଅପେକ୍ଷା ନ କରି ମୋଦାସିର ଆଲାମଙ୍କ ଏଣୁତେଣୁ ରିପୋର୍ଟ ଉପରେ ତର ତର ହୋଇ ଅପମୃତ୍ୟୁ ମାମଲା ନଂ-୭/୨୦୨୨ ରୁଜୁ କରିଦେଲା। ମୋଦାସିର ରିପୋର୍ଟରେ ସତ କହୁଛି କି ମିଛ କହୁଛି ତାହା ଜାଣିବା ପାଇଁ ପ୍ରୟାସ କଲାନାହିଁ ପୁଲିସ। ମୃତା ରେଣୁକାଙ୍କ ବାପା ମିହିର ଗିରି ତାଙ୍କ ପରିବାର ସହିତ ମୟୁରଭଂଜରୁ ଆସି ଝୁମ୍ପୁରାରେ ପହଁଚି ଝୁଲନ୍ତା ଅବସ୍ଥାରେ ଥିବା ଦେଖି ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଏତଲା ଦେଲେ। ହେଲେ ବାପାଙ୍କ ଏତଲା କେବଳ ଷ୍ଟେସନ ଡାଏରି କରି ପୋଲିସ ସୀମିତ ରଖିଦେଲା। ମୃତା ରେଣୁକା ଗିରିଙ୍କ ତଦନ୍ତ ପ୍ରକ୍ରିୟା ଠପ୍ ହୋଇଯାଇଛି। ଏ ପର୍ଯ୍ୟନ୍ତ ପୋଲିସ କାହାରିକୁ ହେଲେ ଅଟକ ରଖିନାହିଁ କିମ୍ବା ପଚରାଉଚରା କରୁନାହିଁ। ଏଥିନେଇ ଝୁମ୍ପୁରା ବଜାରରେ ଆଲୋଚନା ସରଗରମ ରହିଛି। ତଦନ୍ତ ପ୍ରକ୍ରିୟା ନ ଆଗେଇଲେ ଆଗାମୀ ଦିନରେ ୩ ଟି ସଙ୍ଗଠନ ପକ୍ଷରୁ ପ୍ରଶାସନକୁ ଅବଗତ କରାଯାଇ ଶୋଭାଯାତ୍ରା ଓ ଥାନା ଘେରାଉ କରାଯିବ ବୋଲି ଜଣାପଡିଛି। ଏନେଇ ମତାମତ ଲୋଡିବାରୁ ଝୁମ୍ପୁରା ଥାନାଧିକାରୀ ବରେନ୍ଦ୍ର ଶିଅଳ କହିଲେ ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ ରିପୋର୍ଟ ମିଳିଲେ ତଦନ୍ତ ଆଗେଇବ ।

# ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ଟିକାତାଳ ଛକଠାରେ ଓଡିଶା ପତ୍ରକାର ସଂଘ ଖୋର୍ଦ୍ଧା ଶାଖା ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସଂପୁର ଚତୁର୍ଭୁଜ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି, ମହିଳା ସବଇନିସପେକ୍ଟର ଗାୟତ୍ରୀ ଗୋଛାୟତ, ପୁରୁଷ ସବ ଇନିସପେକ୍ଟର ଉମାକାନ୍ତ ବେହେରା ଓ ଏଏସଆଇ ସରୋଜ କୁମାର ସେନାପତି, ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ଖୁଂଟିଆ, ସମାଜସେବୀ ସୁରେଶ କୁମାର ମାନସିଂହ, ସଞ୍ଜୟ କୁମାର ମହାପାତ୍ର, କାହ୍ନୁ ଚରଣ ବେହେରା, ବସନ୍ତ କୁମାର ସେଠୀ ଓ ସୁବାସ ଚନ୍ଦ୍ର ବେହେରାଙ୍କ ସମେତ ସଚେତନ ଯୁବକମାନେ ସାମିଲ ହୋଇଥିଲେ। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ହେଲମେଟ ଓ ସିଟ ବେଲଟ ବାନ୍ଧି ଯାତାୟାତ କରୁଥିବା ମୋଟର ସାଇକେଲ ଓ କାର୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ସମ୍ବର୍ଦ୍ଧିତ କରିବା ସହ ବିନା ହେଲମେଟ ଓ ସିଟ ବେଲଟ ବାନ୍ଧି ନଥିବା ଚାଳକଙ୍କୁ ଜୀବନ ଭଳି ଅମୂଲ୍ୟ ସମ୍ପଦ ହେଲ୍‌ମେଟ୍ ଓ ସିଟ୍ ବେଲ୍‌ଟ ବ୍ୟବହାର କରିବା ଦ୍ୱାରା ସୁରକ୍ଷା ଦେଇଥାଏ ବୋଲି ସଚେତନ ବାର୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପତ୍ରକାର ସଂଘର ସଭାପତି ମାଧବ ଚନ୍ଦ୍ର ରାଉତରାୟ ଓ ସମ୍ପାଦକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ।




# କହିବିନି ତତେ ଆଇ ଲଭ ୟୁ ସାରା ଓଡ଼ିଶାରେ ମୁକ୍ତି ଲାଭ କଲା



ଖୋର୍ଦ୍ଧା, (ପି.ଏନ): ତିତଲି ପ୍ରଡ଼କ୍ସନ ନିବେଦିତ ଓ ଏଲ. ପ୍ରଡ଼କ୍ସନ ସହଯୋଗରେ ନିର୍ମିତ ଓଡ଼ିଆ ସିନେମା କହିବିନି ତତେ ଆଇ ଲଭ ୟୁ ସାରା ଓଡ଼ିଶାରେ ୨୦ଟି ହଲରେ ରିଲିଜ ହୋଇଯାଇଛି । ଭୁବନେଶ୍ୱର ସ୍ୱାତିରେ ଏବଂ କଟକ ବୃନ୍ଦାବନ ହଲରେ ପୁରା ଟିମ୍ ଉପସ୍ଥିତିରେ ଏହାର ପ୍ରିମିୟର ହୋଇଥିବା ବେଳେ ଦର୍ଶକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । ଆଲବମ୍ ଓ ମ୍ୟୁଜିକ୍ ଭିଡ଼ିଓ ଦୁନିଆରେ ଚର୍ଚ୍ଚିତ ଷ୍ଟାର ଲୁବୁନ୍ ଟୁବୁନ୍ ଭ୍ରାତା ଏହି ସିନେମା ଜରିଆରେ ବଡ଼ ପରଦାରେ ନିଜ ଦକ୍ଷତା ପରଖିବାକୁ ଯାଉଛନ୍ତି । କହିବିନି ତତେ ଆଇ ଲଭ ୟୁର ଚିତ୍ର ନାଟ୍ୟ ସାଙ୍ଗକୁ ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ୍ ଟୁବୁନ୍ ଡ଼ିଓପିରେ ଟୁବୁନ୍ ସେନ୍ ଥିବା ବେଳେ କୋରିଓ ଗ୍ରାଫି କରିଛନ୍ତି ଦୁଇ ଭାଇ ଲୁବୁନ୍ ନାୟକ ଭୂମିକା ଥିବା ବେଳେ ତାଙ୍କ ନାୟିକା ହେଉଛନ୍ତି ମୁମ୍ବାଇର ସୋନା । ସିନେମାର ସୁନ୍ଦର କାହାଣୀ ସାଙ୍ଗକୁ ଲୁବୁନ୍ ଓ ସୋନା ନୂଆ ଯୋଡ଼ି ଦର୍ଶକଙ୍କ ମନ କିଣିବେ ବୋଲି କ୍ରିଏଟିଭ୍ ହେଡ଼ ପ୍ରଣୟ ଜେଠି କହିଛନ୍ତି । ଏହାର କାହାଣୀ ସାଙ୍ଗକୁ ପ୍ରଯୋଜନା କରିଛନ୍ତି ପ୍ରୀତିସ ମହାନ୍ତି । ସଂଳାପ ବାପୁ ଗୋସ୍ୱାମୀ ଲେଖି ଥିବା ବେଳେ ଉଭୟ ବାପୁ ଡ଼.ନିର୍ମଳ ନାୟକ ଗୀତ ଗୁଡ଼ିକ ଲେଖିଛନ୍ତି । ହ୍ୟୁମାନ ସାଗର, ଅର୍ଚ୍ଚିତା ଚୌଧୁରୀ ଓ ଦୀପ୍ତି ରେଖା ପାଢୀଙ୍କ ଭଳି କଣ୍ଠ ଶିଳ୍ପୀମାନେ ଗୀତ ଗୁଡ଼ିକୁ ଗାଇଛନ୍ତି । ସମସ୍ତ ଗୀତକୁ ସଂଗୀତରେ ସଜାଇଛନ୍ତି ବୈଦନାଥ ଦାଶ ।

# ପିଚୁରାସ୍ତା ନଷ୍ଟ କରୁଛି ଲୁହା ଚକ ଲଗା ଟ୍ରାକ୍ଟର : ଚାଳକ ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଧର୍ମଶାଳା,(ପିଏନ୍): ପିଚୁ ରାସ୍ତାକୁ ନଷ୍ଟ କରୁଛି ଲୁହା ଚକ ଲଗା ଟ୍ରାକ୍ଟର । ଧର୍ମଶାଳା ଅ□ଳରେ ଅନେକ ପିଚୁ ରାସ୍ତା ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି । ଏନେଇ କୌଣସି କଟକଣା ନଥିବାରୁ ଚାଳକମାନେ ଲୁହା ଚକ ଲଗା ଟ୍ରାକ୍ଟର ଚଳାଇ ରାସ୍ତା ନଷ୍ଟ କରିବାରେ ଲାଗିଛି । ଫଳରେ ବିଭିନ୍ନ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା କୋଟି କୋଟି ଟଙ୍କା ମୂଲ୍ୟର ରାସ୍ତାଗୁଡିକ ଟ୍ରାକ୍ଟରରେ ଲଗାଯାଇଥିବା ଲୁହା ଚକ ଚାପରେ ଭାଙ୍ଗି ଯାଉଥିବା ଅଭିଯୋଗ ହୋଇଛି । ସଂପୃକ୍ତ ଟ୍ରାକ୍ଟର ଚାଳକ ଓ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି । ପ୍ରକାଶ ଯେ, ଅଧିକାଂଶ ପିଚୁରାସ୍ତାରେ ହୋଇଥିବା ନବନିର୍ମିତ ପିଚୁ ରାସ୍ତା ଅନେକ ସ୍ଥାନରେ ଭାଙ୍ଗିଯାଇଛି । ଜାରକା ପ□ାୟତ ସମେତ ଅଭୟପୁର, ବଡ଼କାଏମା, ଭବାନୀପୁର, ପାଟପୁର, ଉତରପ୍ରତାପ, ଦେଓଦା, କୋଟପୁର, ସୁନ୍ଦରିଆ, ହରିଦାସପୁର, ନେଉଳପୁର, କଞ୍ଚିଗଡ଼ିଆ, ପଟୁଣିଆ, ଥାନୁଆଳ, ଗଙ୍ଗାଧରପୁର, ପାଖର, ତରିଆ, ଗଡ଼ମଧୁପୁର, କମାଗଡ଼, ଅଞ୍ଚିଆ ଆଦି ବିଭିନ୍ନ ପ□ାୟତରେ ଥିବା ଅଧିକାଂଶ ପିଚୁରାସ୍ତାରେ ବାରମ୍ବାର ଲୁହା ଚକ ଲଗା ଟ୍ରାକ୍ଟର ଯାତାୟତ କରୁଥିବାରୁ ଅନେକ ରାସ୍ତା ଭାଙ୍ଗିରୁଜି ଗଲାଣି । ସେହିପରି କେତେକ ଦୁର୍ବଳ କଂକ୍ରିଟ୍ ରାସ୍ତା ମଧ୍ୟ ଏଥିପାଇଁ ନଷ୍ଟ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏସବୁ



ବେଆଇନ ଭାବେ ଲୁହା ଚକ ଲଗା ଟ୍ରାକ୍ଟର ଯାତାୟତ କରୁଥିବାରୁ ଅଚ୍ୟୁତପୁର-ଲାଙ୍ଗୁଡି ରାସ୍ତାର ବମ୍ପୁ ଓ ଡେରାବର ଗାଁ ନିକଟରେ ରାସ୍ତାରୁ ପିଚୁ ଉଠିଗଲାଣି । ସେହିପରି ଶ□ିବଜାର-କାଏମା ରାସ୍ତା ସହିତ ଧର୍ମଶାଳା ବଜାର ପିଚୁରାସ୍ତା ଭାଙ୍ଗିଗଲାଣି । ଭାଲୁଖାଇ-କାଏମା ନଦୀବନ୍ଧ ରାସ୍ତାର କେତେକ ସ୍ଥାନରେ ପିଚୁ ଉଠିଯାଇଛି । ଜାରକା ପ□ାୟତର ଉତର ଶାସନ(ମାଙ୍କଡ଼ ସାହି) ଗାଁରୁ ଦୁବଗଡିଆ ମୌଜା ଦେଇ ଜାତୀୟ ରାଜପଥ-୧୬ରେ ସଂଯୋଗ ଭଙ୍ଗା ରାସ୍ତାରେ ସ୍ଥାନୀୟ ଅ□ଳବାସୀଙ୍କ ଯାତାୟତରେ ବହୁ ଅସୁବିଧା ହେଉଛି । ବିଶେଷ କରି ବର୍ଷାଦିନେ କାଦୁଅ ଜମିରେ ହଳ କରିବା ପାଇଁ ଟ୍ରାକ୍ଟରରେ ଲୁହା ଚକକୁ ସଂଯୋଗ କରାଯାଇଥାଏ । ନିୟମାନୁସାରେ ଟ୍ରାକ୍ଟର ଡାଲାରେ ଉକ୍ତ ଲୁହାଚକକୁ ବୋଝେଇ କରି ନେଇ ଚାଷ ଜମି ନିକଟରେ ଏହାକୁ ଲଗାଇବା କଥା । ମାତ୍ର ମାଲିକମାନେ ଘର ନିକଟରୁ ଟ୍ରାକ୍ଟରରେ ଲୁହା ଚକ ଲଗାଇ ଏହାକୁ ଚାଷଜମିକୁ ନେଉଛନ୍ତି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

# ଶ୍ରାବଣ ମାସର ପ୍ରଥମ ସୋମବାରରେ ଗୋକର୍ଣ୍ଣେଶ୍ୱର ପୀଠରେ କାଉଡିଆଙ୍କ ଭିଡ

ଧର୍ମଶାଳା, (ପିଏନ୍): ଆଜି ହେଉଛି ଶ୍ରାବଣ ମାସର ପ୍ରଥମ ସୋମବାର । ଶ୍ରାବଣ ମାସର ପ୍ରତ୍ୟେକ ସୋମବାରରେ କାଉଡିଆମାନେ ଜଳ ନେଇ ବିଭିନ୍ନ ଶୈବପୀଠରେ ଜଳାଭିଷେକ କରିଥା□ । ଏହି କ୍ରମରେ ଆଜି ଧର୍ମଶାଳା ବ୍ଲକର ଗୋକର୍ଣ୍ଣେଶ୍ୱର ପୀଠରେ ଜଳାଭିଷେକ ଲାଗି ଶହ ଶହ ସଂଖ୍ୟାରେ କାଉଡିଆଙ୍କ ଭିଡ ଲାଗିଥିଲା । ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରୁ କାଉଡିଆମାନେ ଜଳ ଭାର ଆଣି ଗୋକର୍ଣ୍ଣେଶ୍ୱର ପୀଠରେ ପହଁଚିବା ପରେ ଆଜି ସକାଳୁ ଠାକୁରଙ୍କ ଉପରେ ଜଳଲାଗି କରିଥିଲେ । କରୋନା କଟକଣା ପାଇଁ ଗତ ଦୁଇ ବର୍ଷ ହେବ କାଉଡିଆମାନଙ୍କୁ ମନ୍ଦିର ମନା ଥିଲା । ତେବେ ଚଳିତ ବର୍ଷ କଟକଣା ଉଠିଥିବାରୁ ବୋଲ ବମ୍ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । କାଉଡିଆମାନଙ୍କ ଭିଡକୁ ନଜରରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଜଳାଭିଷେକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସେହିପରି ଶ□ିଶୃଙ୍ଖଳା ରକ୍ଷା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ□ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ□ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ□ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ□ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ□ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ□ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ□ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ□ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ□ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ□ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ□ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ□ ମିତା ମୁଣ୍ଡା, ପୂର୍ବତନ ସରପ□ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ□ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ□ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଳାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।’’

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହ□ଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଞ୍ଚିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଞ୍ଚାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୁଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ଋଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଷ୍ମ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ । ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ ପ୍ରଦାନ କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଞ୍ଚରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେଞ୍ଚ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି । ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ । ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି ।






# ସାଧାରଣ ଜନତାଙ୍କ ସ୍ୱାର୍ଥ ବିରୋଧି ଜିଏସଟି ନିଷ୍ପତି ଅବିଳମ୍ୱେ ପ୍ରତ୍ୟାହାର କର : ଶରତ ପଟ୍ଟନାୟକ

ଭୁବନେଶ୍ୱର ,(ପି.ଏନ): ଗତ ଜୁନ ୨୮ ଓ ୨୯ ତାରିଖ ଚଣ୍ଡିଗଡ଼ ଠାରେ ଦୁଇଦିନିଆ ଜିଏଷ୍ଟି କାଉନସିଂଲର ୪୭ତମ ବୈଠକରେ ଚୁଡ଼ା, ମୁଢ଼ି, ଗୁଡ଼, ଦହି, ଖଇ ଓ ଉଖୁଡ଼ା ଆଦି ଅତ୍ୟାବଶକୀୟ ଖାଦ୍ୟ ସାମଗ୍ରୀ ଉପରେ ୫% ହାରରେ ଜିଏଷ୍ଟି ଲାଗୁ କରିବା ନିଷ୍ପତି ଏକ ହତଭାଗ୍ୟ ନିଷ୍ପତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଥିଲେ ଯେ ଓଡ଼ିଶାର ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାରେ ମୁଢ଼ି ବିନା ଜୀବନ ଦୁର୍ବିସହ। କିନ୍ତୁ ଆସନ୍ତା କାଲି ପାଖରୁ ଏହି ଅଣବ୍ରାଣ୍ଡ ପ୍ୟାକେଟ ଦ୍ୱାରା ବିକ୍ରି ହେଉଥିବା ମୁଢ଼ି, ଗୁଡ଼, ଚୁଡ଼ା, ଦହି, ଖଇ ଓ ଉଖୁଡ଼ା ଆଦି ଉପରେ ୫% ଜିଏଷ୍ଟି ଲାଗୁ ହେବ। ଦୀର୍ଘ ୮ବର୍ଷ କାଳ ଧରି କେବଳ ଘୃଣ୍ୟ ରାଜନୀତିରେ ଲିପ୍ତ ରହିବା ଛଡ଼ା ଭାରତବର୍ଷର ଅର୍ଥନୀତିକୁ ସଂପୂର୍ଣ୍ଣରୂପେ ଅଣଦେଖା କରିବା ଓ ଭୁଲ ଅର୍ଥନୈତିକ ନିଷ୍ପତି ଯୋଗୁଁ ଆଜି ଭାରତ ବର୍ଷର ଅର୍ଥନୀତି ସଂପୂର୍ଣ୍ଣ ରୂପେ ରସାତଳଗାମୀ। ମୋଦି ସରକାର କେବଳ ମନ୍ଦିର, ମସ୍‌ଜିଦ, ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଇଡି, ଇନକମଟେକ୍ସ ଭିତରେ ସୀମାବଦ୍ଧ ହୋଇ ରାଜନୀତି କରୁଛନ୍ତି। ଓଡ଼ିଶାର ସାଧାରଣ ଜୀବନରେ ଏ ସମସ୍ତ ଖାଦ୍ୟଦ୍ରବ୍ୟ ଅତ୍ୟାବଶ୍ୟକ ଅଟେ। ଏ ସବୁ ଉପରେ କର ଆଦାୟ କରିବା କିଭଳି ଭାବରେ ଗରିବ ଲୋକଙ୍କ ଉପରୁ ଜୋର ଜବରଦସ୍ତ କରି କର ଆଦାୟ କରି ହେବ ଏହାହିଁ ପ୍ରମାଣିତ କରୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବିଜୁ ଜନତା ଦଳର ଅର୍ଥମନ୍ତ୍ରୀ ସେ ମିଟିଂରେ ଉପସ୍ଥିତ ଥାଇ ମଧ୍ୟ ଏ ବାବଦରେ ଥରୁଟିଏ ବିରୋଧ କରି ନାହାନ୍ତି କାହିଁକି ? କ'ଣ ଏହା ରାଜ୍ୟର ଜନସାଧାରଙ୍କ ସ୍ୱାର୍ଥ ବିରୋଧି କି ନୁହେଁ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଏଥିରୁ ଏହା ବୁଝାପଡୁଛି ରାଜ୍ୟ ସରକାର ଜିଏଷ୍ଟି କାଉନସିଲର ଏ ନିଷ୍ପତିକୁ ସମ୍ମତି ଜଣାଇଛି। ଗୋଟେ ଗଣତାନ୍ତ୍ରିକ ସରକାର ଜନସାଧାରଣଙ୍କ ପରିସ୍ଥିତିକୁ ଦେଖି କର ଆଦାୟ କରିଥାଏ। କିନ୍ତୁ ଏବେ ସରକାର ଅଧିକରୁ ଅଧିକ କିଭଳି କର ଆଦାୟ କରାଯିବ ସେଥିପାଇଁ ଅଧିକ ତତ୍ପରତା ଦେଖାଉଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ତଥା ବରିଷ୍ଠ କଂଗ୍ରେସ ନେତା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ୨୦୦୫ ମସିହାରେ ମନମୋହନ ସିଂଙ୍କ ସରକାର ସମୟରେ ୩୭ ଗୋଟି ଦ୍ରବ୍ୟକୁ ଭାଟ ମୁକ୍ତ କରାଯାଇଥିଲା। ଏହିସବୁ ଦ୍ରବ୍ୟ ଗୁଡ଼ିକ ଦହି, ଲସି, ଘୋଳଦହି, କ୍ଷୀର ପ୍ୟାକେଟ, ସ୍ଲେଟ, ପ୍ଲେଟ, ମ୍ୟାପ, ଚୁଡ଼ା, ମୁଢ଼ି, ହୁଡ଼ୁମ, ଖଇ, ଉଖୁଡା, ମୁଆଁ, ଖଲିପତ୍ର, ସବାଇ ଘାସରୁ ପ୍ରସ୍ତୁତ ଦଉଡ଼ି, ଗହମ, ଅଟା, ଲୁଙ୍ଗି, ଗାମୁଛା, ମାଛ, ମାଂସ, ଅଣ୍ଡା ଇତ୍ୟାଦି। କିନ୍ତୁ ଆସନ୍ତା କାଲି ଜୁଲାଇ ୧୮ ତାରିଖ ୨୦୨୨ ମସିହା ପାଖରୁ ପ୍ରାୟ ସବୁ ଦ୍ରବ୍ୟ ଉପରେ ସରକାର ଜିଏଷ୍ଟି ଲାଗୁ କରିସାରିଛନ୍ତି। ଏହି ସବୁ ଦ୍ରବ୍ୟ ମାନଙ୍କରୁ ୫% ରୁ ୧୨ % ପର୍ଯ୍ୟନ୍ତ ଜିଏଷ୍ଟି ଆଦାୟ କରୁଛନ୍ତି। ୨୦୧୭ ମସିହା ଜିଏଷ୍ଟିକୁ ଲାଗୁ କରିବା ପାଇଁ ସେଂଟ୍ରାଲ ହଲରେ ଯେଉଁ ଐତିହାସିକ ମଧ୍ୟରାତ୍ରୀ ମିଂଟି ହୋଇଥିଲା ସେଇ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ବୋଧନ ଦେଲାବେଳେ ବାରମ୍ବାର ଗୋଟିଏ କଥାକୁ ଦୋହରାଉଥିଲେ ଯେ ଜିଏଷ୍ଟି ସାଧାରଣ ଲୋକଙ୍କ ସ୍ୱାର୍ଥ, ରାଜ୍ୟର ସ୍ୱାର୍ଥ ପାଇଁ, ଦେଶର ସ୍ୱାର୍ଥ ପାଇଁ ଓ ସର୍ବୋପରି ଦେଶର ଖାଉଟିଙ୍କ ପାଇଁ। ଏହାଦ୍ୱାରା ଜିନିଷ ପତ୍ରର ଦରଦାମ ବହୁ ମାତ୍ରାରେ କମିଯିବ ଓ ସାଧାରଣ ଜନତା ଏହାର ବହୁ ସୁଫଳ ପାଇବେ କିନ୍ତୁ ସତ୍ୟ କ'ଣ? ଖାଲି ସେତିକି ନୁହେଁ ପାଖାପାଖି ୬ଥର କହିଥିଲେ ଯେ ଜିଏଷ୍ଟି ଦ୍ୱାରା ରାଜ୍ୟ ମାନଙ୍କର ଅର୍ଥନୈତିକ ସ୍ୱାଧୀନତା କ୍ଷେତ୍ରରେ ଏହା କୌଣସି ଅନ୍ତରାୟ ସୃଷ୍ଟି କରିବ ନାହିଁ ଏବଂ ପାଖାପାଖି ୨୭ ଥରରୁ ଅଧିକ ଏହାର ସୁଫଳ ଜନସାଧାରଣ ପାଇବେ ବୋଲି କହିଥିଲେ। ଏକ ରାଷ୍ଟ୍ର ଏକ ଟ୍ୟାକ୍ସ ବୋଲି କହିଥିଲେ। କିନ୍ତୁ ଜିଏଷ୍ଟି ଲାଗୁ ହେବା ଠାରୁ ୫ଟି ସ୍ଲାବରେ କର ଆଦାୟ କରାଯାଉଛି। ଶ୍ରୀ କାନୁନଗୋ କହିଲେ ଯେ କଂଗ୍ରେସ ସରକାର ସମୟରେ କୋଇଲା ଉପରେ ଟନ ପିଛା ୧୦୦ ଟଙ୍କାର ସେସ ବସୁଥିଲା ବେଳେ ଏବେ ୪ ଶହ ଟାଙ୍କାରୁ ଅଧିକ ସେସ ମୋଦି ସରକାର ଆଦାୟ କରୁଛି। ଖାଲି ସେତିକି ନୁହେଁ ପାଖାପାଖି ୨୪ ପ୍ରକାରର ସେସ୍ କେନ୍ଦ୍ର ଆଦାୟ କରୁଛି। ଯେଉଁଥିରୁକି ରାଜ୍ୟ ଓଡ଼ିଶା ସରକାର ଏକ ଟଙ୍କାର ଭାଗ ପାଉନାହାନ୍ତି। କିନ୍ତୁ ଓଡ଼ିଶା ସରକାର ସଂପୂର୍ଣ୍ଣ ନୀରବ ପ୍ରତିବାଦର ସ୍ୱର ନାହିଁ। ଏବେ ପର୍ଯ୍ୟନ୍ତ ରାଜ୍ୟର ୮ ହଜାର କୋଟି ଟଙ୍କାର ଜିଏଷ୍ଟି ବାବଦ ଅର୍ଥ କେନ୍ଦ୍ର ଦେଇ ନାହିଁ। ଏ ବାବଦରେ ଥରୁଟିଏ ନା ମୁଖ୍ୟମନ୍ତ୍ରୀ ନା ଅର୍ଥମନ୍ତ୍ରୀ କୁଆଡ଼େ ମୁହଁ ଖୋଲି ନାହାନ୍ତି। ବିଜେପି ବିଜେଡ଼ି ଉଭୟ ଏକ ରାଜନୈତିକ ଦଳ ଚିନ୍ତା ଓ ଚେତନା। ଓଡ଼ିଶାର ଜନସାଧାରଙ୍କ ଦୁଃଖ, ସମସ୍ୟା ତାଙ୍କ ପାଇଁ ପ୍ରାଥମିକତା ନୁହେଁ। ରାଜନୈତିକ ନାଟକବାଜି କରିବା ତାଙ୍କର ଏକମାତ୍ର ଉଦ୍ଦେଶ୍ୟ। ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଲେ ଯେ ସବକା ସାଥ ଡିଣ୍ଡିମ ପିଟୁଥିବା ସରକାର ସମସ୍ତଙ୍କ ସାଥିରେ ନାହାଁନ୍ତି। ମୋଦି ସରକାର କେବଳ ଧନୀକ ଶ୍ରେଣୀର ସାଂଗରେ ଅଛନ୍ତି। ୫% ଜିଏଷ୍ଟି ଅଟା, ଚୁଡ଼ା, ଦହି, ଲହୁଣି, ଗୁଡ଼ ଓ ଖଇ ଉପରେ ଯେତେବେଳେ ଲଗାଯାଇ ପାରୁଛି କିନ୍ତୁ ସେହି ସମୟରେ ଜୁଆଖେଳ, ଘୋଡ଼ାଦୌଡ଼ ପ୍ରତିଯୋଗିତା ଏବଂ ଲଟେରି ଉପରେ ଜିଏଷ୍ଟି ଟିକସ ବସାଇବା ନିଷ୍ପତି ନେଇପାରୁ ନାହିଁ। କିନ୍ତୁ ଗରିବଙ୍କ ଉପରେ ଜିଏଷ୍ଟି ଲଗାଇବା ନିଷ୍ପତି ଅତିଶୀଘ୍ର ନେଇପାରୁଛି। ଲଗାତାର ଭାବରେ ଖାଉଟି ସୂଚକାଙ୍କ ମୂଲ୍ୟ ଅହେତକୁ ବୃଦ୍ଧି ସତ୍ୱେ ମୁଦ୍ରା ସ୍ଫିତି ୭%ରୁ ଅଧିକ ଥିଲା ବେଳେ ଏହି ନିଷ୍ପତି କାହା ସ୍ୱାର୍ଥରେ ବୋଲି ପଚାରିଛନ୍ତି। ଯଦି ଏହି ନିଷ୍ପତିକୁ କେନ୍ଦ୍ର ସରକାର ଅତିଶୀଘ୍ର ପ୍ରତ୍ୟାହାର ନକରନ୍ତି ତାହାହେଲେ କଂଗ୍ରେସ ସାରା ରାଜ୍ୟରେ ଏହା ବିରୋଧରେ ଜନଆନ୍ଦୋଳନ କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି, ଅମୀୟ ପାଣ୍ଡବ ଓ ଗଣମାଧ୍ୟମ ସଂଯୋଜକ ଶ୍ରୀ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ରାଜ୍ୟ ଆତ୍ମା କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ଅଧିବେଶନ

ଭୁବନେଶ୍ୱର, ,(ପି.ଏନ): ରାଜ୍ୟ ଆତ୍ମା କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ଅଧିବେଶନ ଭୁବନେଶ୍ୱରସ୍ଥିତ ରେଳ ଅଡ଼ିଟୋରୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମହୋଦୟ ଓଡ଼ିଶା ସରକାର, ସମ୍ମାନନୀୟ ଅତିଥି ଭାବେ ଇମେଜର ଅବସରପ୍ରାପ୍ତ ନିର୍ଦ୍ଦେଶକ ସତ୍ୟ ନାରାୟଣ ମିଶ୍ର ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବିଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୩୦ଗୋଟି ଜିଲ୍ଲାର ୩୧୪ ବ୍ଲକରେ କାର୍ଯ୍ୟରତ ୧୧୧୪ ସଭ୍ୟ ଓ ସଭ୍ୟା ଅଂଶଗ୍ରହଣ କରିଥିଲେ।କାର୍ଯ୍ୟ ସମାପନ ପରେ ଦୀର୍ଘ ୧୦ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଆନୁଷ୍ଠାନିକ ଭାବରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ସଭାପତି ସୌମ୍ୟରଞ୍ଜନ ସାହୁ ସମସ୍ତଙ୍କୁ ସ୍ୱାଗତ କରି ନିଜ ଅଭିଭାଷଣରେ ଆତ୍ମା ଏକ କୃଷି ଓ ଅନୁସଙ୍ଗୀକ, କୃଷିର ମିଳନ ଓ ଏହାକୁ ସରକାର କୃଷକମାନଙ୍କ ହିତ ପାଇଁ କମଚାରୀ ମାନଙ୍କ ସମସ୍ୟା ଦୂର କରିବା ପାଇଁ କହିଥିଲେ। ସତ୍ୟ ନାରାୟଣ ମିଶ୍ର ନିଜ ଅଭିଭାଷଣରେ କହିଥିଲେ ଯେ, ଆତ୍ମା ଏକ ସରକାରଙ୍କ ସମ୍ପ୍ରସାରଣ କାର୍ଯ୍ୟକ୍ରମ। ଆମେ ଧାନ ଚାଷରେ ସ୍ୱାବଲମ୍ବୀ। ମାତ୍ର ଡ଼ାଲି ଓ ତୈଳରେ ପଛୁଆ ଅଛେ। ତେଣୁ ସରକାର ଏହି ଅନୁଭୂତି ସମ୍ପନ୍ନ କର୍ମଚାରୀଙ୍କ ସମସ୍ୟା ଦୂର କରିବା ସହ ରାଜ୍ୟରେ ଫାଙ୍କା ପଡ଼ିଥିବା ପଦବୀକୁ ଏହା ଦ୍ୱାରା ସମ୍ପନ୍ନ କରିପାରିବେ ଓ ସମସ୍ତ କର୍ମଚାରୀ ଚାଷୀର ଆୟ ବୃଦ୍ଧିରେ ସାହାଯ୍ୟ କରିବା ସହ ବ୍ଲକରେ ପଡ଼ି ରହିଥିବା ଅର୍ଥ ଶୀଘ୍ର ଖର୍ଚ୍ଚ କଲେ କେନ୍ଦ୍ର ଅଧିକ ଅର୍ଥ ପ୍ରଦାନ କରିପାରିବ, ସେଥିପାଇଁ ସରକାର ଚିନ୍ତା କରିବା ଆବଶ୍ୟକ। ବରିଷ୍ଠ ସାମ୍ବାଦିକ ରବି ଦାସ ମହୋଦୟ ନିଜ ଅଭିଭାଷଣରେ କହିଥିଲେ କି, ସରକାର କଂଟ୍ରାକ୍ଟୁଆଲ ପଦବୀକୁ ବନ୍ଦ କରିବା ଉଚିତ୍ ଓ ଯେଉଁମାନେ ୧୦ ବର୍ଷ କାର୍ଯ୍ୟ କରିଛନ୍ତି, ସେମାନଙ୍କୁ ସ୍ଥାୟୀ କରିବା ଉଚିତ୍। ସମସ୍ତ ଆତ୍ମା କର୍ମଚାରୀ ଗ୍ରାମାଂଚଳରେ କୃଷକମାନଙ୍କୁ ସାହାଯ୍ୟ କରନ୍ତି। କୃଷକମାନେ ସରକାରଙ୍କୁ କହିବେ ଯେ, ଏମାନେ ଭଲ କର୍ମଚାରୀ। ମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, କୃଷି ଓ କୃଷକ ପାଇଁ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସବୁବେଳେ ଚେଷ୍ଟିତ। କୃଷିର ବିକାଶ ପାଇଁ ବହୁ ଯୋଜନା କରୁଛନ୍ତି। ତେଣୁ ସଂଘର ସମସ୍ୟା ସେ କୃଷିମନ୍ତ୍ରୀଙ୍କୁ ତଥା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ଚେଷ୍ଟା କରିବେ। ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବେଉରା ସଂଗଠନକୁ ସୁଦୃଢ଼ କରିବାକୁ କହିଥିଲେ। ଓଡ଼ିଶା ହାଇକୋର୍ଟର ଯୁବ ଆଇନଜୀବୀ ଦେବଦେତ ମହାନ୍ତି ସମସ୍ତେ ସଂଘ ସହ ସୁଦୃଢ଼ ହୋଇ ରୁହନ୍ତୁ। ଆଇନ୍‌ର ଉର୍ଦ୍ଧ୍ୱରେ କେହି ନାହାଁନ୍ତି। ଆପଣ ୧୦ ବର୍ଷ ଧରି କାର୍ଯ୍ୟ କରିଛନ୍ତି ତେଣୁ ଆପଣ ନିଶ୍ଚିତ ସଫଳତା ହାସଲ କରିବେ। ଉପସଭାପତି ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉମାକାନ୍ତ ଦଳାଇ, ମାସ ମିଡ଼ିଆ ଓ ମଂଚ ପରିଚାଳନା କରିଥିଲେ। ସଂଘର ସମସ୍ତ ଉପଦେଷ୍ଟା ମଣ୍ଡଳୀ ଓ କାର୍ଯ୍ୟକର୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ସହ ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ତୁହାକୁ ତୁହା ବର୍ଷାରେ ବେହାଲ ପୁରୀସହର

ପୁରୀ, (ପି.ଏନ), ଖୋର୍ଦ୍ଧା : ଆଜି ସକାଳୁ ଅନବରତ ଭାବେ ତୁହାକୁ ତୁହା ବର୍ଷା ଲାଗିରହିଛି। ଯାହାଫଳରେ ପୁରୀ ସହରରେ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି । ଦୋକାନବଜାର ଅଳ୍ପ ସଂଖ୍ୟାରେ ଖୋଲିଥିଲା। ଖାଲୁଆ ଅଞ୍ଚଳ ଗୁଡ଼ିକରେ ପାଣି ଜମିଲାଣି । ଶ୍ରଦ୍ଧାଳୁମାନେ ବର୍ଷାରେ ଓଦା ହୋଇ ଶ୍ରୀମନ୍ଦିରକୁ ଯାଉଥିବା ଦେଖିବାକୁ ମିଳିଛି । ବଡ଼ଦାଣ୍ଡରେ ଉଠାଦୋକନିକ ପସରା ଖୋଲିନଥିଲା। ଦତତୋଟା,କୁମୁଟିସାହି, ମାଟିତୋଟା,ବସ୍ତିଅଚଂଳ,ଷ୍ଟେସନ ରାମଚଣ୍ଡୀ ସାହି, ଭାରତୀପୁର, ସେନାପତି ବଗିଚା, ତ୍ରିଦେବନଗର ଆଦି ଖାଲୁଆ ଅଂଚଳରେ ପାଣି ଜମି ରହିଲାଣି। ସମୁଦ୍ରକୂଳ ପର୍ଯ୍ୟଟକମାନେ ବିଚ୍‌କୁ ନଯାଇ ହୋଟେଲ ଭିତରେ ବସି ରହିଛନ୍ତି । ବଡ଼ଦାଣ୍ଡରେ କାଁ ଭାଁ ଦୋକାନ ଖୋଲିଥିବାରୁ ଶୂନଶାନ ଲାଗୁଥିଲା । ମଙ୍ଗଳା ନଦୀରେ ଅଧିକ ପାଣି ହେବାରୁ ମୁହାଣରେ ବାଲି ଧସେଇ ହୋଇ ସମୁଦ୍ରରେ ମିଶୁଛି। ଗିରଳ ପଟ ବାଲିବନ୍ତ ଆସ୍ତେ ଆସ୍ତେ ଭୁଶୁଡ଼ିବା ସହ ମଙ୍ଗଳା ନଦୀରେ ମିଶୁଛି । ଅନେକ ସ୍ଥାନରେ ଡ୍ରେନରେ ପାଣି ନଯିବାରୁ ନଳାପାଣି ରାସ୍ତାରେ ଭାସୁଛି । ସହରସାରା ବର୍ଷା ପାଣି ଓ ନଳାପାଣିରେ ଏକାକାର ହୋଇଛି ।

# ବଡ଼ଦାଣ୍ଡରେ ଫଙ୍କ୍ସିଂ ବ୍ୟାରିକେଟ ଓ ମିଡ଼ିଲ ଲାଇଟ ବ୍ୟବସ୍ଥା କରାଯାଉ

ପୁରୀ, (ପି.ଏନ) : ବଡ଼ ସୁନ୍ଦର ଦେଖାଯିବ ବଡ଼ଦାଣ୍ଡ । ଶ୍ରୀମନ୍ଦିର ଚାରିପଟ ଗଛ ଲାଗିବା ସହ ଆଲୋକୀକରଣ ଯୋଗୁଁ ଆସ୍ତେ ଆସ୍ତେ ସୁନ୍ଦର ଦିଶିଲାଣି । ସେହିପରି ବଡ଼ଦାଣ୍ଡରେ ଥିବା ରାସ୍ତା ଡ଼ିଭାଇଡ଼ର ଚକଲଗା ଲୁହା ରେଲିଂ ପରିବର୍ତେ ଫିଙ୍କ୍ସ ବ୍ୟାରିକେଟ ପାଇଁ ବୁଦ୍ଧିଜୀବୀ ମାନେ ଆଲୋଚନା କରୁଛନ୍ତି। ବର୍ତମାନ ଥିବା ଚକଲଗା ଲୁହାବାଡ଼ ସଳଖ ରହୁନଥିବା ବେଳେ କେଉଁଠି ବଙ୍କାଟଙ୍କା ହେଲାଣି ତ କେଉଁଠି ଓଲଟି ପଡ଼ିଲାଣି । ବାଡ଼ ସିଧା ରହୁନଥିବାରୁ ସେଥିରେ ଗାଡ଼ି ମାଡ଼ ହୋଇ ତାହାକୁ ଠେଲି ଦେଉଛି । ଯାହାଫଳରେ ବଡ଼ଦାଣ୍ଡ ଅସୁନ୍ଦର ଦେଖାଯାଉଛି। ସିଂହଦ୍ୱାର ଭକ୍ତ ସେଡ଼ ପାଇଁ ଯେପରି ମାଟିତଳ ଖୋଳା ହୋଇ ନଟବୋଲଟ ପିଟିଙ୍ଗ ହୋଇଛି ସେହିପରି ବଡ଼ଦାଣ୍ଡର ମଝିରେ ଫିଙ୍କ୍ସ ଲାଇଟ ରଖାଯାଇ ସେଥିରେ ବ୍ୟାରିକେଟକୁ ଫିଙ୍କ୍ସ କରାଯାଉ। ମଝି ଲାଇଟ ପୋଲର ଦୁଇ ପାର୍ଶ୍ୱରେ ଆଲୋକ ଲଗାଗଲେ ବିଶାଳ ବଡ଼ଦାଣ୍ଡର ମଝି ଅଂଶ ଆଲୋକିତ ହୋଇପାରନ୍ତା ବୋଲି ଜଣେ ବିଦେଶୀ ଭକ୍ତ କହୁଥିବା ଶୁଣାଯାଇଥିଲା । ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ଅତି ଉଚ୍ଚରେ ହାଇମାକ୍ସ ଲାଇଟ ରହିଥିବାରୁ ତାହା ସେହୀ ଖୁଂଟମୂଳର ଅଳ୍ପ ଅଂଶ ଆଲୋକିତ କରୁଛି। ବଡ଼ଦାଣ୍ଡର ମଝି ଅଂଶକୁ ପ୍ରଚୁର ଆଲୋକ ପଡୁନାହିଁ ଯାହାଫଳରେ ବାଇକ ଗୁଡ଼ିକ ଦୁର୍ଘଟଣା ଘଟୁଛି। ବଡ଼ଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ଅଧିକ ଓସାର ଥିବାବେଳେ ଦାଣ୍ଡର ମଝି ଅଂଶ ମଧ୍ୟ ଆଲୋକିତ ହେଉନାହିଁ। ପରିବା ହାଟ ବସୁଥିବାରୁ ସେହି ଆଲୋକ ବଡ଼ଦାଣ୍ଡରେ ପଡୁଛି । ବର୍ତମାନର ବ୍ୟାରିକେଟକୁ ପ୍ରତିବର୍ଷ ବୋହିକରି ନେବା ଆଣିବା ଓ ସଜାଇବାରେ ଅନେକ ଅର୍ଥ ଖର୍ଚ୍ଚ ହେଉଛି । ଏହି ବ୍ୟବସ୍ଥା ହେଲେ ବଡ଼ଦାଣ୍ଡ ସୌନ୍ଦର୍ଯ୍ୟକରଣ ବଢିବ ବୋଲି ବୁଦ୍ଧିଜୀବୀମାନେ ଆଲୋଚନା କରୁଛନ୍ତି

# ସମୁଦ୍ର ଆଁରେ ...ଅରଖକୁଦା ଗାଁ : କୁଆଡ଼େ ହଜିଗଲା ଚିଲିକା ସୁରକ୍ଷା ପ୍ରାଚୀର

ପୁରୀ, (ପି.ଏନ): ଚିଲିକା ଓ ସମୁଦ୍ରର ମୁହାଁଣସ୍ଥଳ ଏବେ ଭୟଙ୍କର ହେଉଛି। ସମୁଦ୍ର ଢେଉ ଓ ଚିଲିକା ଏକାକାର ହେଉଛି । ଦିନକୁ ଦିନ ନୂଆ ମୁହାଁଣ ଖୋଲିବା ସହ ବାଲିବନ୍ତ ପାଣିରେ ଭାସି ଲୀନ ହେଉଛି । ନିକଟରେ ଥିବା ଅରଖକୁଦା ଗ୍ରାମ ସମୁଦ୍ରର ଆଁକୁ ଚାଲିଯିବାର ସମ୍ଭାବନା ଦେଖାଦେଇଛି । ସମୁଦ୍ରରର ବଡ଼ଢେଉ ଗୁଡ଼ିକ କୂଳ ଲଙ୍ଘନ କରି ଅରଖକୁଦା ଗାଁ ଭିତରେ ବାରମ୍ବାର ପସିଯାଉଛି। ଚିଲିକା ସୁରକ୍ଷା ପ୍ରାଚୀର ଓ ଲୁଣାବନ୍ଧ ନାମରେ ଦୀର୍ଘ ୧୦ ବର୍ଷ ହେଲାଣି ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ୍ୟ ତାହା ନିର୍ମାଣ ଶେଷ ହୋଇପାରୁନାହିଁ । ଅଂଚଳବାସୀ ସମୁଦ୍ରର ଏଭଳି ଅବସ୍ଥା ଦେଖି ଭୟରେ ରାତିରେ ଶୋଉନାହାନ୍ତି । ସମୁଦ୍ରର ଘୁ ଘୁ ଶବ୍ଦରେ ଛାତିରେ ଛନକା ପଶୁଛି। ମୁହାଣ ମେଲୁଛି ବିପଦ ବଢୁଛି । କୂଳରେ ଥିବା ୧୦ ଫୁଟ ଉଚ୍ଚର ବାଲିବନ୍ତ ଢେଉରେ ବାସି ସମତଳ ହୋଇଗଲାଣି। ଦୁଇଟି ମୁହାଣ ସହ ଅନ୍ୟ ଏକ ନୂଆ ମୁହାଣ ୨୦୦ ମିଟର ଓସାର ଖୋଲିଗଲାଣି । ଗ୍ରାମର ପୁରୁଖା ଲୋକମାନେ କହୁଛନ୍ତି ଆଗରୁ ଏପରି ସ୍ଥିତି ଦେଖିନଥିଲୁ । ଏବେ ସମୁଦ୍ର ଗାଁ ଭିତରେ ପସିଲାଣି। ରାଜ୍ୟ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଉଥିଲେ ମଧ୍ୟ କୌଣସି କାମ ହେଉନାହିଁ । ଚିଲିକା ଓ ସମୁଦ୍ର ଏକାକାର ହେଲେଣି । ମାଣିକପାଟଣା ଓ ଅରଖକୁଦା ଗ୍ରାମପଂଚାୟତର ଅଧିବାସୀମାନେ ଚିନ୍ତାରେ ପଡ଼ିଲେଣି। ସବୁ ଆଶା ଛାଡ଼ି ଏବେ ଭଗବାନଙ୍କ ଭରସାରେ କୁଡ଼ିଆ ଘରେ ରହିଛନ୍ତି । ଲଗାଣ ବର୍ଷା ଯୋଗୁ ବାହାରକୁ ଯାଇପାରୁନାହାନ୍ତି । ଏଭଳି ସ୍ଥିତରେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ମିଳିନାହିଁ । ପୁରୁଣା ଓ ନୂଆ ନେତାଙ୍କର ଦେଖାନାହିଁ । ରାତିରେ ଗାଁରେ ପାଳିକରି ଜଗୁଛୁ । ସମୁଦ୍ର ଢେଉ ମାଡ଼ରୁ ଗାଁକୁ ରକ୍ଷା କରିବା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ପାଇଁ ଓଡ଼ିଶାର ଜନପ୍ରିୟ ଜନନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣାଇବା ପାଇଁ ଆଲୋଚନା ଚାଲିଛି।

# ଉତ୍କଳ ସମ୍ମିଳନୀ ରାଜ୍ୟ କାର୍ଯ୍ୟକାରିଣୀ ପାଇଁ ଭଦ୍ରକ ଶାଖାର ପ୍ରସ୍ତୁତି ବୈଠକ

ଭଦ୍ରକ, (ପି.ଏନ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍ ଅଧୀନସ୍ଥ ଚନ୍ଦନେଶ୍ୱର ଠାରେ ଉତ୍କଳ ସମ୍ମିଳନୀର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଉଛି। ଏଥିରେ ଭଦ୍ରକ ଜିଲା ଶାଖାର ଭୂମିକା ଓ ଯୋଗଦାନ ସଂପର୍କରେ ଏକ ବୈଠକ ଆଜି ଜିଲା ସଭାପତି ଅଧ୍ୟାପିକା ଡ. ଝରଣା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ 'ତ୍ୟାଗଭୂମି ସମ୍ମିଳନୀ କକ୍ଷ'ରେ ଅନୁଷ୍ଠିତ ହୋଇଛି। ଏଥିରେ ଭଦ୍ରକ ଜିଲା ଶାଖାର ସଭାପତି ଅଧ୍ୟାପିକା ଡ. ଝରଣା ପଟ୍ଟନାୟକ, ସଂପାଦକ ଅଜୟ ନାୟକ, ଡାକ୍ତର ଦୁର୍ଯ୍ୟୋଧନ ଦାସ, ଯୁଗ୍ମ ସଂପାଦକ ବାବୁଲାଲ ଦାସ, ସଂଗଠନ ସଂପାଦକ ଚର୍ଚ୍ଚିକା ପ୍ରସାଦ ମହାପାତ୍ର, କେନ୍ଦ୍ରୀୟ ସାଧାରଣ ପରିଷଦ ସଦସ୍ୟ ସାମ୍ବାଦିକ ପ୍ରମୋଦ ରାୟ, ବୈଲୋଚନ ବେହୁରିଆ ପ୍ରମୁଖ ଅଂଶଗ୍ରହଣ କରି ଉପରୋକ୍ତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବା ନେଇ ସମସ୍ତ କେନ୍ଦ୍ରୀୟ ସାଧାରଣ ପରିଷଦ ସଦସ୍ୟଙ୍କୁ ଅନୁରୋଧ କରିଥିଲେ।

# କେନ୍ଦୁଝରରେ ପାଳନ ହେଲା ବିଶ୍ୱ ଯୁବ ତା ଦିବସ

କେନ୍ଦୁଝର , (ପି.ଏନ)ଶନିବାର ଦିନ ତା ବିକାଶ ଅନୁଷ୍ଠାନ ବୋଦାପଲସା ଠାରେ ଜିଲ୍ଲା ନିୟୋଜିନ କାର୍ଯ୍ୟାଳୟ ର ମଡେଲ କ୍ୟାରିଅର ସେଟଂର ଆନୁକୂଲ୍ୟରେ ଗ୍ରାମତରଙ୍ଗ ଏମ୍ପଲୟବିଲଟି ପ୍ରଶିକ୍ଷଣ ସହେଯାଗୀ ସହେଯାଗରେ ବିଶ୍ୱ ଯୁବ ତା ଦିବସ ପାଳିତ ହୋଇଛି । ଏଥିରେ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟ , ସନ୍ତୋଷୀ ମା ଉଚ୍ଚ ବିଦ୍ୟାଳୟ , ସନ୍ତୋଷୀ ମା ଆଚଂଳିକ ହାୟର ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟ , ଝାଡବେଲଦା , ବଡହଲ ଉଚ୍ଚ ବିଦ୍ୟାଳୟ , ମନୋଜ ମଞ୍ଜରୀ ଶିଶୁ ଭବନ , ସଦ୍‌ଭାବନା ସ୍ପେଶାଲ ସ୍କୁଲ ନରଣପୁର , ବିଷ୍ଣୁ ପ୍ରିୟା ବାଲ ସେବା ସଦନ , ହାଟଡିହି , ଦିନ ଦୟାଲ ଉପାଧ୍ୟାୟ ତାବିମ ପ୍ରତିଷ୍ଠାନ , ନରଣପୁର ଓ ୧୪ ବାଟାଲିଆନ ଏନ.ସି.ସି ଗ୍ରୁପ କ୍ୟାଡେଟ ସହ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ ପ୍ରତିଯୋଗୀ ବିଶ୍ୱ ଯୁବ ତା ବିକାଶ ଦିବସରେ ଭାଗ ନେଇ ବିଭିନ୍ନ ପ୍ରକାର ତା ପ୍ରଦର୍ଶନ କରିଥିଲେ । ବିଶ୍ୱ ଯୁବ ତା ଦିବସ କର୍ମଶାଳାର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଷ୍ଟାର୍ଯ୍ୟ ଯୋଗଦାନ କରି ପ୍ରତିଯୋଗୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ ତା ହିଁ ବିକାଶର ମୂଳମନ୍ତ୍ର । ବିଭିନ୍ନ ସମୟରେ ଦେଖା ଦେଇଥିବା ସମସ୍ୟା ଗୁଡିକ ତା ବଳରେ ହିଁ ସମାଧାନ ହୋଇ ପାରିଛି ବୋଲି କହିଥିଲେ । ମଣିଷ ଯେତେ ହେବ ସେ ଦେଶର ସେତିକି ପ୍ରଗତି ଓ ବିକାଶ ହେବ । ତା ପ୍ରତିଯୋଗୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ର ତା ପ୍ରଦର୍ଶନ କରିଥିବା ଷ୍ଟଲ ଗୁଡିକୁ ବୁଲି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ସହ ପରିଚାଳକ ଛତିଶ କୁମାର ନାଏକ ପ୍ରତିଯୋଗୀ ମାନଙ୍କୁ ପ୍ରେରଣା ଦେଇଥିଲେ । ଧରଣାଧର ସ୍ୱୟଂଶାସିତ ମହା ବିଦ୍ୟାଳୟ ପରିସରରେ ଥିବା ୧୪ ତମ ବାଟାବଲିଆନ ସମର ଶିକ୍ଷାର୍ଥୀ ବାହିନୀର କର୍ଣ୍ଣେଲ ଚନ୍ଦ୍ର ଶେଖର ରାଓ କାର୍ଯ୍ୟକ୍ରମରେ ଯୋଗଦାନ କରି ଛାତ୍ର ଛାତ୍ରୀମାନେ ସ୍କିଲ ( ତା) ବଳରେ ନିଜ ନିଜ ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ନବ କିଶୋର ସେନାପତି ଶିକ୍ଷାବିତ ତଥା ସମାଜ ସେବୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସୁପରିଚାଳନାରେ ସହେଯୋଗ କରିଥିଲେ । ଜିଲ୍ଲା ନିୟୋଜିନ ଅଧିକାରୀ ତଥା ଆଦର୍ଶ ବୃତି ଚୟନ କେନ୍ଦ୍ରର ନୋଡାଲ ଅଧିକାରୀ ଗଣେଶ୍ୱର ନାଏକ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ଯୁବ ତା ଦିବସ ସୁଚାରୁରୂପେ ପାଳନ ହୋଇଥିଲା । ଏଥିରେ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର ମଡେଲ କ୍ୟାରିଅର ସେଟଂର ର ୟଙ୍ଗ ଫ୍ରଫେସନାଲ ବିକାଶ ରଞ୍ଜନ ଦାସ , କାଉନସିଲର ଜ୍ଞାନ ରଞ୍ଜନ ମହାପାତ୍ର , ସାଇଫା ବେଗମ ଓ ଜିଲ୍ଲା ତା ସଂଯୋଜିକା ଇପସିତା ସାମଲ ମହାତ୍ମା ଗାନ୍ଧୀ ନେସନାଲ ଫେଲୋ ପୁଲକ ଚନ୍ଦନ ଜେନା ଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ନିୟୋଜନ ଅଧିକାରୀ ବିଶ୍ୱ ଯୁବ ତା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ଅତିତି ମାନଙ୍କ ସହ ମିଶି ପୁରସ୍କୃତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday July 19, 2022 ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୧୯,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ପଦ୍ମଶ୍ରୀ ଡଃ ଲକ୍ଷ୍ମୀନାରାୟଣ ସାହୁ ସ୍ମୃତିପୀଠ ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର,(ପି.ଏନ): ଆଜି ପଦ୍ମଶ୍ରୀ ଡଃ ଲକ୍ଷ୍ମୀନାରାୟଣ ସାହୁ ସ୍ମୃତିପୀଠ, ଶ୍ରୀମା ଅରବିନ୍ଦ ଶିକ୍ଷା କେନ୍ଦ୍ର ସନ୍ନିକଟ, ତପୋବନ ଖଣ୍ଡଗିରିଠାରେ ଭାରତ ତଥା ଓଡିଶା ପାଇଁ ଗର୍ବ ଓ ଗୌରବର ଦିନ ଓଡିଶାର ତଥା ଓଡିଶା ମାଟିର ଝିଅ ସାରା ଭାରତର ଅତି ପ୍ରିୟ ପୂର୍ବତନ ମହାମହିମ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ, ପୂର୍ବତନ ବରିଷ୍ଠ ମନ୍ତ୍ରୀ ତଥା ବର୍ତ୍ତମାନର ମହାମହିମ ରାଷ୍ଟ୍ରପତି ପ୍ରାର୍ଥୀନୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଣାମ ଜଣାଇ ତାଙ୍କ ପାଇଁ ଠାକୁରଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ଆଗାମୀ ରାଷ୍ଟ୍ରପତିଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଡଃ ଲକ୍ଷ୍ମୀନାରାୟଣ ସାହୁ ସ୍ମୃତିପୀଠ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବହୁ ସାମାଜିକ କର୍ମୀ, ବୁଦ୍ଧିଜିବୀ, ପଦ୍ମଶ୍ରୀଧାରୀ , କ୍ରୀଡାବିତ୍ , ଡାକ୍ତର, କବି, ଧର୍ମପ୍ରଚାରକ,ଗଣମାଧ୍ୟମର ସାମ୍ବାଦିକ ବନ୍ଧୁ, କଳାକାର, ଚିତ୍ରତାରକା, ପଣ୍ଡିତ, ଜ୍ୟୋତିର୍ବିଦ୍, ରାଜନେତ୍ରୀ, ନାରୀନେତ୍ରୀ, ଶ୍ରମିକ, କୃଷକ,ସୈନିକ, ସ୍ୱାଧିନତା ସଂଗ୍ରାମୀ, ଲେଖକମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଭୂମିକା ଚାରିଟେବୁଲ୍ ଟ୍ରଷ୍ଟ, ସମାଜ ବିଜ୍ଞାନ ସୁରକ୍ଷା ଟ୍ରଷ୍ଟର ଚେୟାରମ୍ୟାନ୍ ପ୍ରକାଶ ଚନ୍ଦ୍ର ନାୟକ, ଗୌରବ ଗୁରୁକୁଳ ଟ୍ରଷ୍ଟ,ତପୋବନ ଖଣ୍ଡଗିରି, ରାଜଧାନୀ ବିକାଶ ଟ୍ରଷ୍ଟ, ସୋର୍ଡ ଅନୁଷ୍ଠାନ ଏବଂ ମହିଳା ତଥା ନାରୀ ସଚେତନ ମଂଚ ଆଦି ଅନୁଷ୍ଠାନ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମର ଆବାହକମାନେ ଥିଲେ ଯଥାକ୍ରମେ ଯୁବ ସମାଜସେବୀ ନୀଳମାଧବ ସାହୁ, ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଓ ବିଶିଷ୍ଟ ସମାଜସେବୀ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ।

## ପାରାଦୀପ ବନ୍ଦର ପକ୍ଷରୁ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପକ୍ଷରୁ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଯାଜପୁର ଜିଲ୍ଲା ଲଙ୍ଗୁଳି ମଠ ଠାରେ ରବିବାର ଦିନ ଆୟୋଜିତ ହୋଇଯାଇଛି । ଏହି ଶିବିରକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଓଳାସୁଣୀର ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ୍, ଓଳାଶୁଣୀ ଗ୍ରାମ ଉନ୍ନୟନ ଟ୍ରଷ୍ଟ ଓ ଶ୍ରୀ ସତ୍ୟସାଇ ସେବା ସମିତି,ପଲେଇ ସହଯୋଗରେ ଏହି ମାଗଣା ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ବାଲିଚନ୍ଦ୍ରପୁରର ତହସିଲଦାର ତଥା ସଭାପତି ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ୍ ପ୍ରଦୀପ କୁମାର ସେଠୀ, ସତ୍ୟସାଇ ସେବା ସମିତି ପଲେଇର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ, ପାରାଦୀପ ଲେଡିଜ୍ କ୍ଲବ୍‌ର ଉପସଭାନେତ୍ରୀ ସୁଚିସ୍ମିତା ବୋଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପାରାଦୀପ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରହଲ୍ଲାଦ ପଣ୍ଡାଙ୍କ ସମେତ ପାରାଦୀପ ବନ୍ଦରର ଚିକିତ୍ସକ ଓ ସହଯୋଗୀମାନେ ହଜାରେରୁ ଉର୍ଦ୍ଧ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଶିବିରାର୍ଥୀମାନଙ୍କର ଇସିଜି ଓ ରାପିଡ୍ ଗ୍ଲୁକୋଜ୍ ଟେଷ୍ଟ କରିଥିଲେ । କୋଭିଡ୍-୧୯ର ନିୟମାବଳୀ ପାଳନ କରାଯାଇ ଏହି ଶିବିରର ଆୟୋଜନ କରାଯାଇଥିଲା ।

## ପାରାଦୀପ ନେହେରୁ ବଙ୍ଗଳାଠାରେ କୂଳ ଖାଉଛି ମହାନଦୀ : ଲୁପ୍ତ ହୋଇପାରେ ମନ୍ନଦ ଉଦ୍ୟାନ

ପାରାଦୀପ,(ପି.ଏନ):ସୁଦୂର ଛତିଶଗଡରୁ ବାହାରି ପାରାଦୀପର ନେହେରୁ ବଙ୍ଗଳାଠାରେ ବଙ୍ଗୋପସାଗରେ ମିଶିଛି ଓଡିଶାର ଜୀବନ ଧାରା କୁହାଯାଉଥିବା ଓଡିଶାର ଗଙ୍ଗା ମହାନଦୀ । ମହାନଦୀ ମୁହାଣକୁ ଦେଖିବା ପାଇଁ ଓଡିଶା ସମେତ ବିଭିନ୍ନ ରାଜ୍ୟରୁ ପର୍ଯ୍ୟଟକମାନେ ଆସିଥାନ୍ତି । ଏହି ସ୍ଥାନକୁ ଆକର୍ଷଣୀୟ କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପଥର ବନ୍ଧ ନିକଟରେ ମନ୍ନଦ ଉଦ୍ୟାନ ନାମରେ ଏକ ସୁନ୍ଦର ଓ ଆକର୍ଷଣୀୟ ଉଦ୍ୟାନ ତିଆରି କରିଥିଲେ । ଏହି ପାର୍କ ପରିସରରେ ପାରାଦୀପ ପୌରପାଳିକା ପକ୍ଷରୁ ଏକ ଶିଶୁ ଉଦ୍ୟାନ ମଧ୍ୟ ତିଆରି କରାଯାଇଥିଲା । ପର୍ଯ୍ୟଟକମାନେ ପର୍ଯ୍ୟଟନ ଋତୁରେ ଏଠାକୁ ଆସି ମଜା ଉଠାଇଥାନ୍ତି । ପ୍ରାୟ ୧୦ମିଟର ପରିମିତ ଏହି ଅଂଚଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ଏକ ଛୋଟ କ୍ୟାଣ୍ଟିନ ମଧ୍ୟ ରହିଛି । ସମୁଦ୍ର ଓ ପଥର ବନ୍ଧ ନିକଟରେ ନିର୍ମିତ ଏହି କ୍ୟାଣ୍ଟିନର ସୁରକ୍ଷା ପାଇଁ ବନ୍ଦର ପ୍ରଶାସନ ପଥର ପ୍ରାଚୀର ମଧ୍ୟ ନିର୍ମାଣ କରିଥିଲେ । ସମୁଦ୍ରର ଉଚ୍ଚ ଜୁଆରରୁ ମନ୍ନଦ ଉଦ୍ୟାନ ଓ କ୍ୟାଣ୍ଟିନ୍ ର ସୁରକ୍ଷା ପାଇଁ ଏହି ପଥରବନ୍ଧ ସହାୟକ ହୋଇଥାଏ । ଗତ ଦୁଇ ଦିନ ତଳେ ସମୁଦ୍ରର ଉଚ୍ଚ ଜୁଆର ଆସି ମନ୍ନଦ ଉଦ୍ୟାନ ପରିସରରେ ଥିବା ପାଦଚଳା ରାସ୍ତା ସମେତ ବହୁ ବଡ ବଡ ଗଛକୁ ଧୋଇ ନେଇଛି । ଯାହାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଅଂଚଳବାସୀଙ୍କ ମନରେ ଚିନ୍ତା ବଢିଯାଇଛି । ଏହି ଉଦ୍ୟାନ ନିକଟରେ ନେହେରୁ ବଙ୍ଗଳାର ବସ୍ତି ରହିଛି । ସେମାନଙ୍କ ନିକଟରେ ଏହି ଉଚ୍ଚ ଜୁଆର କେତେବେଳେ ଯେ ନପହଂଚିବ କିଏ କହିବ । ଏହି ଉଚ୍ଚ ଜୁଆର ପ୍ରଭାବରେ ମନ୍ନଦ ଉଦ୍ୟାନର ବାଲି ଧୋଇ ହୋଇଯିବା ଫଳରେ ଉଦ୍ୟାନ ନିକଟକୁ ଯିବାକୁ ଲୋକମାନେ ଭୟ କଲେଣି । ପ୍ରାଚୀନ ନୌବାଣିଜ୍ୟିକ ପରମ୍ପରା ତଥା ଗାରିମାକୁ ବହନ କରୁଥିବା ପୁରାତନ ମନ୍ନଦ ବନ୍ଦରର ସ୍ମୃତି ଓ ଗୌରବକୁ ଉଜ୍ଜିବୀତ ରଖିବା ପାଇଁ ମହାନଦୀ ଓ ବଙ୍ଗୋପସାଗରର ମିଳନସ୍ଥଳ ନେହେରୁ ବଙ୍ଗଳାର ଏହି ଖାଲି ସ୍ଥାନରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତିଆରି କରିଥିଲେ ମନ୍ନଦ ଉଦ୍ୟାନ ଯାହାର କିଛି ଅଂଶକୁ ଧୋଇ ନେଇଛି ଜୁଆର । ଏହି ଜୁଆର ପାଣି ଏବେ ବି ମନ୍ନଦ ଉଦ୍ୟାନ ମଧ୍ୟରେ ଜମି ରହିଛି ।

## ଧର୍ମଶାଳା ବିଜେପିର ଜୋନ୍‌ସ୍ତରୀୟ ମଣ୍ଡଳ ସଭାପତି ନିଯୁକ୍ତ

ଧର୍ମଶାଳା, (ପି.ଏନ):ର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେପିର ୫ ଗୋଟି ଜୋନର ମଣ୍ଡଳ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଶନିବାର କୁଆଖିଆ ଠାରେ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ମାନସ ମାହାନ୍ତି, ଯାଜପୁର ଜିଲ୍ଲା ବିଜେପି ପ୍ରଭାରୀ ସାରଧା ଶତପଥୀ, ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ପ୍ରମୁଖ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଏହି ଘୋଷଣା କରାଯାଇଥିଲା । ଆଜି ଧର୍ମଶାଳା ବିଜେପି ପକ୍ଷରୁ ପାଂଚ ଜଣ ଜୋନ ସ୍ତରୀୟ ମଣ୍ଡଳ ସଭାପତିଙ୍କ ନାମକୁ ବିଜେପି ନେତ୍ରୀ ସ୍ମୃତିରେଖା ପହି ଘୋଷଣା କରିଛନ୍ତି । ନିର୍ବାଚନ ମଣ୍ଡଳୀର ୧୧ନଂ ଜୋନର ମଣ୍ଡଳ ସଭାପତି ଭାବେ ହେମନ୍ତ ଆଚାର୍ଯ୍ୟ, ୧୨ନଂ ଜୋନର ମାନସ ମାହାନ୍ତି, ୧୩ ନଂ ଜୋନର ତପନ ରନ ମାହନ୍ତ, ୧୪ ନଂ ଜୋନର ଅର୍ଜୁନ ନାୟକ ଓ ୧୬ ନଂ ଜୋନର କୁଳମଣି ମଲିକଙ୍କୁ ନିଯୁକ୍ତି ଦିଆଯାଇଛି । ନବନିଯୁକ୍ତ ମଣ୍ଡଳ ସଭାପତିମାନଙ୍କୁ ଜାରକାସ୍ଥିତ ବିଜେପି କାର୍ଯ୍ୟାଳୟରେ ଦଳ ପକ୍ଷରୁ ସ୍ୱାଗତ ଜଣାଯାଇଥିଲା ।

## ଜାରକା ବଜାରରେ ଡ୍ରେନେଜ୍ ବ୍ୟବସ୍ଥା ଫେଲ୍ : ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି



ଧର୍ମଶାଳା,(ପି.ଏନ):ଧର୍ମଶାଳା ନିର୍ବାଚନ ମଣ୍ଡଳୀର ମୁଖଶାଳା କୁହାଯାଉଥବା ଜାରକା ବଜାରରେ ଡ୍ରେନେଜ୍ ବ୍ୟବସ୍ଥା ଫେଲ୍ ମାରିଛି । ବର୍ଷାପାଣି ନିଷ୍କାସନ ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ଡ୍ରେନ୍ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା କାମରେ ଆସୁନାହିଁ । ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାପାଣି । ବର୍ଷାଦିନ ଆସିଲେ ଜାରକା ଗୋପବନ୍ଧୁ ଛକରୁ ଶାନ୍ତିବଜାର ଯାଏ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି ପ୍ରବାହିତ ହେଉଛି । ସ୍ଥାନୀୟ ଅଞ୍ଚଳବାସୀ ଓ ବ୍ୟବସାୟୀଙ୍କ ଦୀର୍ଘଦିନର ଦାବି ପରେ ଜାରକା ତଳ ବଜାରରେ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ୍ ନିର୍ମାଣ କରାଯାଇଥିଲା । ଏଠାରେ କମ୍ ଗଭୀର ଓ ଅଳ୍ପ ଚଉଡାର ଡ୍ରେନ୍ କରାଯାଇଥିବାରୁ ଏଥିରେ ପର୍ଯ୍ୟାପ୍ତ ବର୍ଷାଜଳ ନିଷ୍କାସନ ହୋଇ ପାରୁନାହିଁ । ଫଳରେ ଲଗାଣ ବର୍ଷା ହେଲେ ରାସ୍ତାରେ ଦୀର୍ଘଦିନ ପର୍ଯ୍ୟନ୍ତ ବର୍ଷାଜଳ ପ୍ରବାହିତ ହେଉଛି । ସେହିପରି ନିକଟରେ ଥିବା ମାଛ ବ୍ୟବସାୟୀ, ଜଳଖିଆ ଦୋକାନୀ ଓ ସ୍ଥାନୀୟ ବାସିନ୍ଦା ସେମାନଙ୍କ ମଇଳା ପାଣି ରାସ୍ତାକୁ ଛାଡ଼ି ଦେଉଛନ୍ତି । ଏହା ବର୍ଷା ପାଣିରେ ମିଶିଯିବାରୁ ଦୁର୍ଗନ୍ଧ ହେଉଛି । ବଜାରରେ ଗନ୍ଧମୟ ପରିବେଶରେ ଚଳପ୍ରଚଳ କରିବା ବ୍ୟବସାୟୀ, ଗ୍ରାହକ ଓ ଅଞ୍ଚଳବାସୀଙ୍କ ପାଇଁ କଷ୍ଟଦାୟକ ହେଉଛି । ସେହିପରି ଲଗାଣ ବର୍ଷା ହେଲେ ନିକଟସ୍ଥ ଦେଉଳିପାଳ ପାହାଡର ଗଡାଣିଆ ପାଣି ଜାରକା ବଜାରରେ ପ୍ରବେଶ କରୁଛି । ଏହା ବଡବଜାର ଦେଇ ତଳ ଅଞ୍ଚଳରେ ପ୍ରବାହିତ ହେଉଛି । ପରେ ଡ୍ରେନ୍‌ର ନର୍ଦ୍ଦମା ପାଣିରେ ମିଶି ଏହା କେତେକ ଦୋକାନ ଏବଂ ଲୋକଙ୍କ ଘରେ ପଶିଯାଉଛି । ଆନନ୍ଦ ବିହାର ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବା ବେଳେ ଏଠାରେ ଯାତାୟତ ବାଧାପ୍ରାପ୍ତ ହେଉଛି । ବାରମ୍ବାର ଅଞ୍ଚଳବାସୀ ଡ୍ରେନେଜ୍ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁନାହାନ୍ତି । ସଠିକ୍ ଭାବେ ନିଷ୍କାସନ ବ୍ୟବସ୍ଥା କରାଯାଇ ନଥିବାରୁ ବିଭିନ୍ନ ସ୍ଥାନରେ ବର୍ଷାପାଣି ମାସ ମାସ ଧରି ଜମି ରହୁଛି । ସେମିତି ବର୍ଷା ଲାଗି ରହିଲେ ଜାରକା ଲକ୍ଷ୍ମୀ ବଜାର, ବର୍ଜୁନଗର, ଶୈଳଶ୍ରୀ ବିହାର, ରାଜୀବ ବିହାର, କୁମାରୀ ଆଦି ବିଭିନ୍ନ ସ୍ଥାନରେ ପାଣି ଜମିରହିବା ସହିତ ଅନେକଙ୍କ ଘରେ ବର୍ଷାପାଣି ପଶିଯାଉଛି । ୧୬ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କରୁଥିବା ଡିବିଏଲ୍ ଠିକାସଂସ୍ଥା ପକ୍ଷରୁ ଜାରକା ବଜାରର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ କରାଯାଉଛି । ଏଥିରେ ବର୍ଷାଜଳ ନିଷ୍କାସନ ନହୋଇ ଆପ୍ରୋଚ୍ ରୋଡ୍‌ରେ ଜମିରହୁଥିବା ଦେଖିବାକୁ ମିଳୁଛି । ପ୍ରାୟ ୧୦ବର୍ଷ ପୂର୍ବେ ଜାରକା ଉପର ବଜାରର ବିଭିନ୍ନ ସ୍ଥାନରେ ବର୍ଷାଜଳ ନିଷ୍କାସନ ନିମନ୍ତେ ଏକାଧିକ ଡ୍ରେନ୍ ନିର୍ମାଣ ହୋଇଛି । ହେଲେ ଏହାକୁ ସଫା କରାଯାଉନାହିଁ । ବ୍ୟବସାୟୀଙ୍କ ଅଳିଆ ଆବର୍ଜନାରେ ଡ୍ରେନ୍ ପୋତି ହୋଇ ଯାଉଥିବାରୁ ଏଥିରେ ଆବଶ୍ୟକ ପରିମାଣର ବର୍ଷାଜଳ ନିଷ୍କାସନ ହୋଇପାରୁନାହିଁ । ବଜାରରେ ସରକାରୀ ଜମି ଜବରଦଖଲ ହଟାଇ ପ୍ରଶସ୍ତ ଡ୍ରେନ୍ ନିର୍ମାଣ କରାଗଲେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଗୋକର୍ଣ୍ଣିକାରେ ରବିନ୍ଦ୍ର ଭାରତୀ ପୁସ୍ତକ ଲୋକାର୍ପିତ




ଧର୍ମଶାଳା,(ପି.ଏନ):ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ଉତ୍ସବ ଆଜି ଜାରକାସ୍ଥିତ ସିଭିକ ସେଂଟର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶ୍ୱ ଭାରତୀର ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ମହେଶ୍ୱର ପାଢୀଙ୍କ ସମ୍ପାଦନାରେ ନ୍ତରବିନ୍ଦ୍ର ଭାରତୀନ୍ତ ପୁସ୍ତକକୁ ଉନ୍ମୋଚନ କରି ସାହିତ୍ୟହିଁ ବ୍ୟକ୍ତିର ଅନ୍ତର୍ନିହିତ ସ୍ୱରକୁ ଶୁଣାଇ ପାରିବ । ସାହିତ୍ୟ ସେବା ଭଳି ବାସିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ କୋଲାଣ୍ଡ ବିଶ୍ୱ ବିଦ୍ୟାଳୟ ଚାଇଁବାସାର ପ୍ରଫେସର ଡ. ସତ୍ୟପ୍ରିୟ ମହାଲିକ ଯୋଗଦେଇ ସମାଲୋଚକଟିଏ ହିଁ ସ୍ରଷ୍ଟାକୁ ଓ ତାର ସୃଷ୍ଟିର ନୂତନତ୍ୱକୁ ଲୋକ ଲୋଚନକୁ ଆଣିଥାଏ । ଡ. ରବିନ୍ଦ୍ର ବିହାରୀ ଜଣେ ବିଶିଷ୍ଟ ସମାଲୋଚକ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଡ. ଶିରିଶ ଚନ୍ଦ୍ର ଜେନା, ଡ. ବାସନ୍ତୀ ମହାନ୍ତି, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ରବିନ୍ଦ୍ର ବିହାରିଙ୍କ ଲେଖା ଓ ରବିନ୍ଦ୍ର ଭାରତୀ ପୁସ୍ତକ ଉପରେ ଆଲୋକପାତ କରିଥିଲେ । ଏହି ପୁସ୍ତକ ସମ୍ପାଦନା କରିଥିବା ମହେଶ୍ୱର ପାଢୀ ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଡ. ବିହାରୀ ତାଙ୍କ ସାହିତ୍ୟ ରଚନା ସମ୍ପର୍କରେ ମତପ୍ରକାଶ କରିଥିଲେ । ଗୋକର୍ଣ୍ଣିକା ସାହିତ୍ୟ ସମାଜ ସମ୍ପାଦକ ହୃଷିକେଶ ସାମଲ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପିକା ଡ. ହିମାଦ୍ରୀତନୟା ମିଶ୍ର ସଭା ସଂଚାଳନା କରିଥିଲେ । ଏହି ଅବସରରେ ଗୋକର୍ଣ୍ଣିକା ବିଶେଷ ସଂଖ୍ୟାକୁ ଅତିଥିମାନେ ଲୋକାର୍ପଣ କରିଥିଲେ । ରବିନ୍ଦ୍ର ଭାରତୀ ପୁସ୍ତକରେ ଲେଖିଥିବା ସାରସ୍ୱତ ସାଧକ ଡ. ବସନ୍ତ କିଶୋର ସାହୁ, ଡ. ବିରଂଚି କୁମାର ସାହୁ, ଡ. ଗୌତମ ଜେନା, ଡ. ରାଜକିଶୋର ପାଢୀ, ଡ. ମନ୍ମଥ କୁମାର ପ୍ରଧାନ, ଡ ଅଭିମନ୍ୟୁ ବରାଳ , ଡ. ବିଧୁଭୂଷଣ ପଣ୍ଡା, ଡ. କଳ୍ପନା ମାହାନ୍ତି, ଡ. ଶିରିଶ ଜେନା, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉପେନ୍ଦ୍ର କୁମାର ପୃଷ୍ଟି, ଡ. ବାସନ୍ତି ମହାନ୍ତି, ଡ. ଅଜୟ କୁମାର ପଣ୍ଡା, ଡ. ସତ୍ୟପ୍ରିୟ ମହାଳିକ, ଅଧ୍ୟାପକ ନୂତନ ମହାନ୍ତି, ଅଧ୍ୟାପକ ସୁବ୍ରତ ଦାସ, ଅଧ୍ୟାପକ ମହେଶ୍ୱର ପାଢୀ, ଡ. ସୁମନ୍ତ ନାୟକ, ଡ. ଅଭୟ କୁମାର ଦାସ, ଡ. ହିମାଦ୍ରୀ ତନୟା ମିଶ୍ର, ଅଧ୍ୟାପିକା ରଶ୍ମୀରାଣୀ ଦାଶ, ଡ.ଜିତେନ୍ଦ୍ର କୁମାର ଦାସ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡ. ତୁହିନାଂଶୁ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray